ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅକ୍ଟୋବର ୨୬

# ଦ୍ରୁତବେଗରେ ଶୁଖୁଛି ଗଙ୍ଗା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

କୋଟି କୋଟି ଭାରତୀୟଙ୍କର ଜୀବନରେଖା ଭାବେ ଶହ ଶହ ବର୍ଷ ଧରି ରହିଆସିଥିବା ଗଙ୍ଗା ନଦୀ ଏବେ ଯେଉଁ ହାରରେ ଶୁଖିଯାଉଛି, ତାହା ନଦୀର ଇତିହାସରେ ଅତ୍ୟନ୍ତ ଅଦ୍‌ଭୂତପୂର୍ବ ବୋଲି ବୈଜ୍ଞାନିକମାନେ କହିଛନ୍ତି । ଦ୍ରୁତ ଜଳବାୟୁ ପରିବର୍ତ୍ତନ, ମୌସୁମୀରେ ଅନିୟମିତତା, ଅହରହ ଜଳ ଉତୋଳନ, ନଦୀର ଗତିପଥରୋଧ, ହିମଶୃଙ୍ଗର ସଂକୋଚନ ଗଙ୍ଗାକୁ ଏବେ ମୃତ୍ୟୁ ଆଡକୁ ଟାଣି ନେଇପାରେ । ଯାହାର ପରିଣତି ସ୍ୱରୁପ ଭାରତୀୟ ଉପ ମହାଦେଶ ତଥା ଗଙ୍ଗାକୁ ଏବେ ମୃତ୍ୟୁ ଆଡକୁ ଟାଣି ନେଇପାରେ । ଯାହାର ପରିଣତି ସ୍ୱରୁପ ଭାରତୀୟ ଉପ ମହାଦେଶ ତଥା ଗଙ୍ଗା ଅବବାହିକା ଅଂଚଳରେ ଖାଦ୍ୟ, ଜଳର ଅଭାବ ସାଙ୍ଗକୁ ଜୀବନ ଜୀବିକା ବିପନ୍ନ ହେବା ଆଶଙ୍କା ସୃଷ୍ଟି କରେ । କହିବା ବାହୁଲ୍ୟ ଯେ, ଶତାବ୍ଦୀ ଧରି ଗଙ୍ଗା ଓ ଏହାର ଶାଖାନଦୀଗୁଡିକର ଅବବାହିକାରେ ବିଶ୍ୱର ସବୁଠୁ ଘନ ଜନବସତି ଅଂଚଳ ଭାବେ ପରିଚିତ । ହିମାଳୟରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବ୍ୟପ୍ତ ଗଙ୍ଗା ୩୫୦ରୁ ଉର୍ଦ୍ଧ୍ୱ ତଥା ଏକ ତୃତୀୟାଂଶ ଭାରତୀୟଙ୍କୁ ଜଳ ଏବଂ ଖାଦ୍ୟ ଯୋଗାଇବା ସହ ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି । କିନ୍ତୁ ସଦ୍ୟ ଗବେଷଣାରୁ ଯେଉଁ ତଥ୍ୟ ଜଣାଯାଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରେ । ବିଶ୍ଳେଷଣାତ୍ମକ ରିପୋର୍ଟରେ କୁହାଯାଇଛି ଯେ, ଗଙ୍ଗା ଏବେ ଦ୍ରୁତଗତିରେ ସଂକୁଚିତ ହେବାରେ ଲାଗିଛି । ନିକଟ ଦଶନ୍ଧିଗୁଡିରେ ବିଶ୍ୱର ବହୁ ବଡ ବଡ ନଦୀ ମୃତ୍ୟୁ ମୁହାଁ ହୋଇଥିବା ନେଇ ବୈଜ୍ଞାନିକମାନଙ୍କ ତଥ୍ୟ କହିଥିବାବେଳେ ଗଙ୍ଗାର ବେଗ ଓ ପରିବ୍ୟପ୍ତ ଅପରିବର୍ତ୍ତିତ ରହିଥିଲା । ମାତ୍ର ବୈଜ୍ଞାନିକମାନଙ୍କ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗଙ୍ଗାର ବେଗ ହ୍ରାସ ସହ ଜଳପ୍ରବାହ ହ୍ରାସ ପାଇବାରେ ଲାଗିଛି । ଗଲା ୧୩୦୦ ବର୍ଷ ମଧ୍ୟରେ ଗତ କିଛି ଦଶନ୍ଧି ଧରି ଗଙ୍ଗା ଅବବାହିକା ଗୁରୁତର ମରୁଡି ପରିସ୍ଥିତିର ସମ୍ମୁଖୀନ ହୋଇଆସିଛି । ଉଲ୍ଲେଖଯୋଗ୍ୟ ଯେ, ଅତୀତରେ ଗଙ୍ଗା ନଦୀ ପରିବହନର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଥିଲା । ସେତେବେଳେ ବଡ ବଡ ନୌକା ପଶ୍ଚିମବଙ୍ଗ ଏବଂ ବିହାର ଦେଇ ବାରଣାସୀ, ଆଲାହାବାଦ ସଂଯୋଗ କରିଥିଲା । ଏବେ ଛୋଟ ଛୋଟ ନୌକା ମୁକ୍ତ ଭାବରେ ଚଳପ୍ରଚଳ କଷ୍ଟକର ହୋଇଗଲାଣି । ସେହିପରି କେନାଲରେ କୃଷି କ୍ଷେତ୍ରକୁ ଜଳଯୋଗାଣର ପ୍ରମୁଖ ମାଧ୍ୟମ ଥିବାବେଳେ ଏବେ ଗ୍ରୀଷ୍ମକାଳ ଆଗମନ ପୂର୍ବରୁ କେନାଲଗୁଡିକ ଶୁଖିଲା ପଡୁଛି । ଆହୁରି ମଧ୍ୟ ଗଙ୍ଗା ଅବବାହିକାରେ କୂଅଗୁଡିକ ମଧ୍ୟ ଶୁଖିଗଲାଣି । ଏପରି ପରିସ୍ଥିତି ଉପନ୍ନ ହେଲାଣି ଯେ, କୂପଗୁଡିକରୁ ଟୋପାଟୋପା ଜଳ ବାହରୁଛି । ଗଙ୍ଗା ନଦୀ ଦ୍ରୁତ ବେଗରେ ଶୁଖିବା ନେଇ ଆନ୍ତର୍ଜାତିକ ପାଣିପାଗ ମଡେଲଗୁଡିକ ପୂର୍ବାନୁମାନ କରିବାରେ ବିଫଳ ହୋଇଥିବାବେଳେ କେନାଲ ଜରିଆରେ କୃଷିକ୍ଷେତ୍ରକୁ ଜଳସେଚନ, କୃଷି ଏବଂ ଶିଳ୍ପ ପାଇଁ ଲଗାମଛଡା ଭୂତ, ଜଳ ଉତୋଳନ, ହଜାର ହଜାର ସଂଖ୍ୟାରେ ବନ୍ଧ ଓ ବ୍ୟାରେଜ ଦ୍ୱାରା ନଦୀର ଗତିପଥ ରୋଧ ଜଳ ଅନ୍ୟତ୍ର ସ୍ଥାନନ୍ତରିତକରଣ ଗଙ୍ଗା ସଂକୋଚନର କାରଣ ବୋଲି କୁହାଯାଏ । ହଜାର ହଜାର ବର୍ଷ ଧରି ଗଙ୍ଗାର ପ୍ରବାହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଥିବା ମୌସୁମୀରେ ଅନିୟମିତତା ଏବେ ବୃଦ୍ଧି ପାଇବାରେ ଲାଗିଛି । ଯାହାର ପରିଣତି ସ୍ୱରୁପ ଗଙ୍ଗାରେ ଜଳପ୍ରବାହ ପୁନଶ୍ଚ ପୂର୍ବାବସ୍ଥାକୁ ଫେରିବା ସମ୍ପୂର୍ଣ୍ଣ ଅକ୍ଷମ ମନେ କରାଯାଏ । ସେହିପରି ହିମାଳୟ ଓ ହିମଶୃଙ୍ଗଗୁଡିକ ଗଙ୍ଗାକୁ ଚୀରସ୍ରୋତ ନଦୀର ମାନ୍ୟତା ଦେଇଥିବାବେଳେ ଏବେ ବିଶ୍ୱ ତାପମାତ୍ରା ବୃଦ୍ଧିଯୋଗୁଁ ଗତ ଦୁଇ ଦଶନ୍ଧି ମଧ୍ୟରେ ସେଗୁଡିକ ପ୍ରାୟ ୧କିଲୋମିଟର ପର୍ଯ୍ୟନ୍ତ ସଂକୁଚିତ ହୋଇଗଲାଣି । ଆହୁରି ମଧ୍ୟ ତାପମାତ୍ରା ବୃଦ୍ଧି ଯୋଗୁଁ ବିଶ୍ୱର ସର୍ବୋଚ୍ଚ ଏବଂ ସର୍ବବୃହତ ପାବର୍ତ୍ୟମାଳା ବରଫ ଦ୍ରୁତଗତିରେ ତରଳିବାରେ ଲାଗିଛି । ଆହୁରି ମଧ୍ୟ ଭୂତଳ ଜଳରେ ଆର୍ସେନିକ ଓ ଫ୍ଲୋରିଡ ପରିମାଣ ବୃଦ୍ଧି ଯୋଗୁଁ ତାହା ଉଭୟ ମାନବ ଓ କୃଷି ପାଇଁ ଗୁରୁତର ଧମକ ସୃଷ୍ଟି କରିଛି । ଏହା ନିସନ୍ଦେହ ଯେ, ଗଙ୍ଗା ହେଉଛି ଏକ ନଦୀଠାରୁ ଆହୁରି ଅଧିକ । ଭାରତୀୟ ସଂସ୍କୃତିରେ ଗଙ୍ଗା ହେଉଛି ଅତ୍ୟନ୍ତ ପବିତ୍ରତାର ପ୍ରତୀକ, ଭାରତୀୟଙ୍କର ଜୀବନରେଖା ଏବଂ ଦକ୍ଷିଣ ଏସୀୟ ତଥା ଭାରତୀୟ ସଭ୍ୟତାର ମୂଳଦୁଆ । କିନ୍ତୁ ଏହା ଏବେ ପୂର୍ବ ତୁଳନାରେ ଦ୍ରୁତ ବେଗରେ ଶୁଖିଯାଉଛି । ଏଥିପ୍ରତି ନିଷ୍କ୍ରିୟତା ଓ ଅବହେଳା ଅଚିନ୍ତନୀୟ । ଗଙ୍ଗାର ସଂକୋଚନ ଓ ଜଳ ପ୍ରବାହ ହ୍ରାସ ନେଇ ଚେତାବନୀ ସମୟ ଅତିବାହିତ ହୋଇଯାଇଛି । ଗଙ୍ଗାରେ ଯେପରି ପୂର୍ବବତ୍ ଜଳ ପ୍ରବାହ ଅକ୍ଷୁର୍ଣ୍ଣ ରହେ, ତାହା ସରକାର ନୀତିନିର୍ଦ୍ଧାରକ ଓ ବୈଜ୍ଞାନିକମାନେ ନିଶ୍ଚିତ କରିବା ଉଚିତ । ଆମ ପାଇଁ ନୁହେଁ, ଆମର ଭବିଷ୍ୟତ ବଂଶଧରଙ୍କ ପାଇଁ ଗଙ୍ଗାକୁ ସୁରକ୍ଷିତ ଓ ଚୀରସ୍ରୋତା ରଖିବା ପାଇଁ ସଂକଳ୍ପ ନେବାର ସମୟ ଏବେ ଆସିଛି । ଅନ୍ୟଥା ବିପର୍ଯ୍ୟାୟ ହିଁ ସାର ହେବ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ*
*ନଗର, ଶିଶୁପାଳଗଡ,*

# ଶବ୍ଦର ନବ ରୂପାୟନ କବି ରାଜେନ୍ଦ୍ର କିଶୋର ପଣ୍ଡା

'ମନେହୁଏ ମୋକ୍ଷ ବା ନିର୍ବାଣ କଳ୍ପନା ମାତ୍ର, ପୁନର୍ଜନ୍ମ ଥାଏ କି ନଥାଏ ମୁଁ ଜାଣେ ନା, ଯଦି ଥାଏ ମୁଁ ନିଶ୍ଚୟ ଫେରିବାକୁ ଚାହେଁ ଏହି ପୃଥିବୀକୁ, ବାର ବାର, ଏବେ ବି......' ।

ପ୍ରଥିତଯଶା, ଶୈଳୀ, ଶବ୍ଦ ଚୟନ, ଅନନ୍ୟ, ଦକ୍ଷତାର ସ୍ଥପତି, ଶବ୍ଦର ନବରୂପାୟନ ଏପରି ଅନେକ ବିଭୂଷଣରେ ବିମଣ୍ଡିତ ପ୍ରେମ ଓ ବିଦ୍ରୋହର କବି ରାଜେନ୍ଦ୍ର କିଶୋର ପଣ୍ଡା ଆଉ ନାହାନ୍ତି । ଏକଦା ନିଜ କବିତାରେ ଏହାକୁ ସେ ତାଙ୍କ ଭାଷାରେ ହିଁ ଲେଖିଥିଲେ 'ମୃତ୍ୟୁ ଥାଉ କି ଅମରତ୍ୱ ଥାଉ ସେଇଠି, ଶିଖର ମାତ୍ରେ ଇ ଆରୋହ୍ୟ ।' ସତେ ଯେପରି ଜୀବନଟା ତାଙ୍କ ଦୃଷ୍ଟିରେ ଥିଲା ଏକ ଅସରନ୍ତି ଯାତ୍ରା । ସାରା ଜୀବନ ଅନେକ ନୂଆ ଉଦୀୟମାନ ତରୁଣ କବିଙ୍କୁ ପ୍ରେରଣା ଉତ୍ସାହ ଯୋଗାଇ ସେମାନଙ୍କ ପୃଷ୍ଠପୋଷକ ସାଜିଥିବା ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ମହାପ୍ରୟାଣ କହିବାକୁଗଲେ ଓଡ଼ିଆ କବିତା ନିଜର ଜଣେ ଅତିପ୍ରିୟ ମରମୀ ମଣିଷଙ୍କୁ ହରାଇଛି । ତାଙ୍କ ପାଠକୀୟ ଦୃଷ୍ଟିଭଙ୍ଗୀ ଓ ପ୍ରିୟତା ଏପରି ଏକ ବିବିଧ କ୍ଷେତ୍ରରେ ତିଆରି ଥିଲା ଯେ ସେ ଯେତିକି ଶବ୍ଦ ଓ ଉଚ୍ଚାରଣର କବି ସମାନ ଭାବରେ ନୀରବତା ଓ ଗାମ୍ଭୀର୍ଯ୍ୟ ଥିଲା ତାଙ୍କ ଅତୁଳନୀୟ ଲେଖନୀର ଚମତ୍କାର ପରିପ୍ରକାଶ । ୧୯୪୪ ଜୁନ ୨୪ ତାରିଖରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବଡଲଗାରେ କବି ରାଜେନ୍ଦ୍ର ପଣ୍ଡା ଜନ୍ମ ଗ୍ରହଣ କରିଥିଲେ । ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତର ପରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବରେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ୧୯୬୭ ଜୁଲାଇ ୧୪ରୁ ୨୦୦୪ ଜୁନ ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ମୁଖ୍ୟ ଶାସନ ସଚିବ ପାହ୍ୟାରେ ଓଡ଼ିଶା ରାଜସ୍ୱ ପର୍ଷଦ ସଦସ୍ୟ ଭାବରେ ସେ ଅବସର ନେଇଥିଲେ । କିନ୍ତୁ ଜଣେ ପ୍ରଥିତଯଶା କବି ଭାବରେ ସେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ । ତାଙ୍କର କବିତା ଗ୍ରନ୍ଥ 'ଶୈଳକଳ୍ପ' ପାଇଁ ୧୯୮୫ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । ୧୬ଟି କବିତା ଗ୍ରନ୍ଥ ସହିତ ୨ଟି ଉପନ୍ୟାସର ସେ ରଚୟିତା । ଓଡିଆ ସାହିତ୍ୟ ବାଣୀ ଭଣ୍ଡାରକୁ ଅତୁଳନୀୟ ଅବଦାନ ପାଇଁ ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ପୁରସ୍କାରଠୁ ନେଇ କୁଭେମ୍ପୁ ରାଷ୍ଟ୍ରୀୟ ପୁରସ୍କାର ପର୍ଯ୍ୟନ୍ତ ଅନେକ ସମ୍ମାନ, ପୁରସ୍କାରରେ ପୁରସ୍କୃତ, ସମ୍ମାନିତ ଓ ପ୍ରଶଂସିତ ହୋଇଥିଲେ ଆଇଏଏସ ରାଜେନ୍ଦ୍ର ପଣ୍ଡା । ତାଙ୍କ ଅବଦାନକୁ ସମ୍ମାନ ଜଣାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟପାଳ ତାଙ୍କୁ ଡିଲିଟ ଉପାଧିରେ ବିଭୂଷିତ କରିଥିଲେ ।



ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ରାଜେନ୍ଦ୍ରଙ୍କ ପ୍ରକାଶିତ ପୁସ୍ତକ ମଧ୍ୟରେ ରହିଛି, 'ଗୌଣ ଦେତା', 'ଶତଦ୍ରୁ ଅନେକ', 'ଅନବତାର ଓ ଅନ୍ୟ ଅନ୍ୟ', 'ଘୁଣାକ୍ଷର', 'ନିଜ ପାଇଁ ନାନାବାୟା', 'ଚୌକାଠରେ ଚିରକାଳ', 'ଶୈଳକଳ୍ପ' (୧୯୮୨ରେ ପ୍ରକାଶିତ ଓ ୧୯୮୫ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ), 'ବହ୍ୱାରମ୍ଭ', 'ଦ୍ରୋହବାକ୍ୟ', 'ବୈରାଗୀ ଭ୍ରମର', 'ଅନ୍ୟା' (୧୯୮୮, ଶାରଳା ପୁରସ୍କାର ଓ ଭାରତୀୟ ଭାଷା ପରିଷଦର ସମ୍ମାନପ୍ରାପ୍ତ), 'ଈଶଖେଳ', 'ସତ୍ୟୋତର', 'ବୋଧିନଭ', 'ବହୁବ୍ରୀହି' (କାବ୍ୟ କବିତା) ଏବଂ 'ବିଦାଭାସ' (ଉପନ୍ୟାସ) ।

ସମ୍ବଲପୁର ଜିଲ୍ଲା ସ୍କୁଲରେ ଅଷ୍ଟମ ନବମ ଶ୍ରେଣୀରେ ପଢ଼ିବାବେଳ ଠାରୁ ବିଧିବଦ୍ଧ ଭାବେ ତାଙ୍କର କବିତା ଲେଖା ଆରମ୍ଭ ହୋଇ ସାରିଥିଲା । କବିତା ଲେଖି ସେ ବିଭିନ୍ନ ପତ୍ରପତ୍ରିକାକୁ ପଠାଉଥିଲେ । ନବମ ଶ୍ରେଣୀରେ ପଢ଼ିବା ସମୟରେ ତାଙ୍କର ଏକ କବିତା 'ଲାଜମୟୀ' ପ୍ରକାଶିତ ହୋଇଥିଲା କୋଲକାତାର 'ସିନେମା' ପତ୍ରିକାରେ ଯାହାକୁ ପ୍ରକୃତରେ ସେ 'ଆସନ୍ତାକାଲି' ପତ୍ରିକାକୁ ପଠାଇଥିଲେ । ଉଭୟ ପତ୍ରିକାର ସମ୍ପାଦକ ଥିଲେ ସମାନ ବ୍ୟକ୍ତି, ସେ କବିତାଟିକୁ 'ଆସନ୍ତାକାଲି' ବଦଳରେ 'ସିନେମା'ରେ ପ୍ରକାଶ କରି ଦେଇଥିଲେ । ତେବେ ସେଇ ପ୍ରଥମ କବିତାର ମୁଦ୍ରିତ ରୂପକୁ ଦେଖିବାର ସୁଯୋଗ ସ୍ୱୟଂ କବି ପାଇ ନଥିଲେ । ତେଣୁ ୧୯୫୯ରେ 'ବୈଜୟନ୍ତୀ'ରେ ପ୍ରକାଶିତ 'ଶେଷ ରାତ୍ରି'କୁ ସେ ନିଜର ପ୍ରଥମ ମୁଦ୍ରିତ କବିତାର ମାନ୍ୟତା ଦେଉଥିଲେ । ୧୯୬୩ ମସିହାରେ ଗଙ୍ଗାଧର ମେହେର କଲେଜରେ ବିଏର ଛାତ୍ର ଥିବାବେଳେ ଛାତ୍ରବୃତି ଅର୍ଥ ବିନିଯୋଗରେ ନିଜର ପ୍ରଥମ କବିତା ସଂକଳନ 'ସସେମିରା' ପ୍ରକାଶ କରିବା ଲାଗି ସେ ଉଦ୍ୟମ କରିଥିଲେ । କିନ୍ତୁ ଅର୍ଥ ଶ୍ରାଦ୍ଧ ହେଲା ସିନା ପ୍ରେସ୍ ମ୍ୟାନେଜର କୁଆଡ଼େ ଉଭାନ ହୋଇଗଲେ । ତେଣୁ କବିଙ୍କର ପ୍ରଥମ କବିତା ସଂକଳନ ଭାବେ ପ୍ରକାଶିତ ହୋଇଥିଲା 'ଗୌଣ ଦେବତା' ୧୯୭୪-୭୫ ମସିହାରେ ।

ସରଳ, ହସହସ ଭାବର ଅନ୍ତରାଳରେ ଲୁଚି ରହିଥିଲା ବୋଧେ ଗଭୀର ଅସନ୍ତୋଷ । ନୂତନ ପିଢ଼ିକୁ ଗଢ଼ିବା, ସାହିତ୍ୟ ଓ ସଂସ୍କୃତିକୁ ନୂତନ ସ୍ତରକୁ ବଢ଼ାଇବା ଦିଗରେ, ପ୍ରାଶାସନିକ ଜୀବନ ଓ ପରବର୍ତ୍ତୀ କାଳରେ ଅବ୍ୟାହତ ଥିଲା ତାଙ୍କ ଉଦ୍ୟମ । ସୁନିର୍ଦ୍ଦିଷ୍ଟ ଭାବରେ ବର୍ଣ୍ଣମାଳା ମାଧ୍ୟମରେ ଓଡ଼ିଆ କବି ଓ କବିତାକୁ ସମସ୍ତଙ୍କ ପାଖରେ ପ୍ରତିଷ୍ଠିତ କରାଇବା ଦିଗରେ ତାଙ୍କ ଅବଦାନ ଚିର ସ୍ମରଣୀୟ ।

ଓଡ଼ିଆ କବିତାର ସେ ଗୋଟେ ଶୈଳୀର ସ୍ରଷ୍ଟା । ରାଜେନ୍ଦ୍ରଙ୍କ କବିତାକୁ ପଢ଼ିଦେଲେ ସେ କବିତାର ଶିରୋନାମ ନଥିଲେ ମଧ୍ୟ ଜାଣି ହୋଇଯିବ ତାହା ରାଜେନ୍ଦଙ୍କ କବିତା । ଏହା ହେଉଛି ରାଜେନ୍ଦ୍ରଙ୍କ ଶୈଳୀ, ବୈଚିତ୍ର୍ୟ ଓ ଅନୁଭବ । ଶବ୍ଦର ପୌରୁଷ ପାଇଁ ତଥା ଆଧୁନିକ କବିତାରେ ନୂଆ ଶବ୍ଦ ଗଢୁଥିବା ଏହି ପ୍ରଥିତଯଶା କବିଙ୍କ ସ୍ଥାନ ନିଶ୍ଚିନ୍ତ ଅପୂରଣୀୟ ରହିବ । ସ୍ୱୟଂ ନିଜ ଭାବନାରେ ସେ ଏକଦା ଲେଖିଥିଲେ – 'ମନେହୁଏ ମୋକ୍ଷ ବା ନିର୍ବାଣ କଳ୍ପନା ମାତ୍ର, ପୁନର୍ଜନ୍ମ ଥାଏ କି ନଥାଏ ମୁଁ ଜାଣେ ନା, ଯଦି ଥାଏ ମୁଁ ନିଶ୍ଚୟ ଫେରିବାକୁ ଚାହେଁ ଏହି ପୃଥିବୀକୁ, ବାର ବାର, ଏବେ ବି......' ।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',*
*ପୁରୁଣା ସୋନାରି, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ଆସୁଛି ବାତ୍ୟା ମୋନ୍ଥା

ମାଡି ଆସୁଛି ବାତ୍ୟା ମୋନ୍ଥା । ବଙ୍ଗୋପସାଗରରେ ବଳ ଗୋଟାଉଛି । ୨୭ ରୁ ୨୯ ଯାଏ ରାଜ୍ୟରେ ବର୍ଷା । ୨୮ ରାତି କିମ୍ବା ୨୯ ସକାଳେ ଆନ୍ଧ୍ର ସ୍ଥଳଭାଗ ଛୁଇଁପାରେ । ଆଇଏମଡି ପୂର୍ବାନୁମାନ ଅନୁଯାୟୀ ସମ୍ଭାବ୍ୟ ବାତ୍ୟାର ପ୍ରଭାବ ଆନ୍ଧ୍ରରେ ଅଧିକ ରହିବ ଓ ଓଡିଶାରେ କମ୍ ରହିବ । ତଥାପି ୨୬ ରୁ ୨୯ ଯାଏ ଅଧିକାଂଶ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ଅଛି । ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି ଜାଗାରେ ପ୍ରବଳରୁ ପ୍ରବଳତର ବର୍ଷା ହୋଇପାରେ । ଏପରିକି ରାଜ୍ୟ ଉପକୂଳରେ ୨୮ ଓ ୨୯ରେ ପବନ ବେଗ ଘ□ା ପ୍ରତି ୫୦ ରୁ ୬୦ କିଲୋମିଟର ରହିପାରେ । ତେବେ ଏହା ଓଡିଶା ସୀମାନ୍ତ ଆନ୍ଧ୍ରପ୍ରଦେଶର ନେଲୁରୁ ଠାରୁ ବିଶାଖାପାଟନମ୍ ମଧ୍ୟରେ ସ୍ଥଳଭାଗ ଛୁଇଁବାର ପୂର୍ବାନୁମାନ କରାଯାଉଛି । ବାତ୍ୟାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ବିଶେଷକରି ଗଞ୍ଜାମ, ଗଜପତି, ରାୟଗଡା, କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରପଡା, ଖୋର୍ଦ୍ଧା, କୋରପୁଟ, ମାଲକାନଗିରି, ବାଲେଶ୍ୱର, ମୟୁରଭଞ୍ଜ ଓ ଭଦ୍ରକ ଜିଲାରେ ପ୍ରବଳ ବର୍ଷାର ସମ୍ଭାବନା ରହଛି । ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ଏପରିକି ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି । ଯାହା ଅନୁମାନ କରାଯାଉଥିଲା ତାହାହିଁ ହେଲା । ଅକ୍ଟୋବର ମାସ ସରିନି କି ବାତ୍ୟା ଭୟ ଯାଇନି । ସେ ଯାହା ହେଉନା କାହିଁକି ଲୋକମାନେ ଆତଙ୍କିତ । କାରଣ ଅକ୍ଟୋବର ହେଉଛି ବାତ୍ୟାର ମାସ । ଅକ୍ଟୋବର ମାସ ଆସିଲେ ଓଡିଶା ମୁହାଁ ହୁଏ ବାତ୍ୟା ଜଳରୁ ସ୍ଥଳକୁ ଆସି ତାଣ୍ଡବ ରଚେ । ପ୍ରତିବର୍ଷ ଅକ୍ଟୋବର ମାସ ଆସିଲେ ବାତ୍ୟା ଓଡିଶାକୁ ଧାଇଁ ଆସିବାର ନଜିର ରହିଛି । ଓଡିଶାକୁ ବଡବଡ ବାତ୍ୟା ହିଁ ଅକ୍ଟୋବର ମାସରେ ଆସିଛି । ଏବେ ଅକ୍ଟୋବର ମାସ ଆରମ୍ଭ ହୋଇଗଲାଣି । ସେ ୧୯୯୯ମସିହାର ମହାବାତ୍ୟା ହେଉ କି ୨୦୧୩ର ଫାଇଲିନ, ୨୦୧୪ର ହୁଦୁହୁଦୁ, ୨୦୧୮ର ତିତିଲି, ୨୦୨୪ର ଦାନା ଓଡିଶାକୁ ଛୁଇଁ ତାଣ୍ଡବ ରଚିଛି । ୧୯୯୯ରୁ ୨୦୨୪ଯାଏ ୫ଟି ବଡ ବାତ୍ୟା ପ୍ରଳୟ ରଚିଥିବା ବେଳେ ଅନେକ ଛୋଟ ବାତ୍ୟା ମଧ୍ୟ ପ୍ରଭାବ ପକାଇଛି । ତେବେ ୧୯୯୯ର ମହାବାତ୍ୟାକୁ ଓଡିଶାବାସୀ କେବେବି ଭୁଲିପାରିବେ ନାହିଁ ଏହି ପ୍ରଳୟଙ୍କାରୀ ମହାବାତ୍ୟା ଅକ୍ଟୋବରରେ ଓଡିଶାକୁ ଆସିଥିଲା ଓ ତାଣ୍ଡବ ରଚିଥିଲା । ସୂଚନାଯୋଗ୍ୟଯେ, ଭାରତ ଇତିହାସରେ ସବୁଠାରୁ ପ୍ରଳୟଙ୍କରୀ ବାତ୍ୟା ଆସିଥିଲା ୧୯୯୯ ମସିହାରେ । ଆଣ୍ଡାମାନ ସାଗରରେ ୨୫ ଅକ୍ଟୋବରରେ ସୃଷ୍ଟି ହୋଇ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇ ମହାବାତ୍ୟା ରୂପ ନେଇଥିଲା । ଜଗତସିଂହପୁର ଜିଲ୍ଲାରେ ଅକ୍ଟୋବର ୨୯ ତାରିଖରେ ଏହା ସ୍ଥଳଭାଗ ଅତିକ୍ରମ କରିଥିଲା । ବାତ୍ୟା ସ୍ଥଳଭାଗରେ ମାଡ ସମୟରେ ଘ□ା ପ୍ରତି ୨୬୦ କି.ମି ବେଗରେ ପବନ ବହିଥିଲା । ଫଳରେ ଜଗତସିଂହପୁର ଜିଲ୍ଲା ସମେତ ଉପକୂଳିଆ ଜିଲ୍ଲାଗୁଡିକ ଛାରଖାର ହୋଇଯାଇଥିଲା । ବାତ୍ୟା ମାଡ ହେବା ପରେ ସମୁଦ୍ରରେ ୧୫ରୁ ୨୦ ଫୁଟ ଉଚ୍ଚର ଜୁଆର ଉଠିବା ସହିତ ପ୍ରାୟ ୩୫ କି.ମି ପର୍ଯ୍ୟନ୍ତ ସମୁଦ୍ର ପାଣି ମାଡି ଆସିଥିଲା । ଏହି ବାତ୍ୟାରେ ସରକାରୀ ଭାବେ ରାଜ୍ୟରେ ପ୍ରାୟ ୧୦ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୧ କୋଟି ୨୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ । ୧୮ଲକ୍ଷରୁ ଅଧିକ ଘର ମାଟିରେ ମିଶିଥିଲା । ଅଦ୍ୟାବଧି ଏହାକୁ ଭାରତର ସବୁଠାରୁ ବଡ ବାତ୍ୟା ଭାବେ ବେବେଚନା କରାଯାଉଛି । ଏହି ବାତ୍ୟାକୁ ଏବେ ୨୪ ବର୍ଷରେ ପହ□ିଛି । ସେହିପରି ୧୯୯୯ ମହାବାତ୍ୟାକୁ ଛାଡ଼ି ଦେଲେ ୨୦୧୩ ଅକ୍ଟୋବର ୧୨ରେ ଫାଇଲିନ୍ ଓ ୨୦୧୪ ଆକ୍ଟୋବର ୧୨ରେ ହୁଦୁହୁଦୁ ଓଡ଼ିଶାରେ ହା'ହା'କାର ସୃଷ୍ଟି କରିଥିଲା ।



ହିମାଂଶୁ ଶେଖର ଆଚାର୍ଯ୍ୟ

ଏହିସବୁକୁ ରାଜ୍ୟବାସୀ ସାମ୍ନା କରିଛନ୍ତି ଓ ଏହି ଦିନ ଗୁଡ଼ିକ ଅଭୁଲା ସ୍ମୃତି ହୋଇ ରହିଛି । ପ୍ରାକୃତିକ ବିପର୍ଯ୍ୟୟର ଚିରସହଚର ହୋଇଛି ଓଡ଼ିଶା । ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟ ସୃଷ୍ଟି ହୋଇଥିବା ବେଳେ ପରବ□ୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା । ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା । ଏ ପ୍ରସଙ୍ଗରେ ଜଣାପଡିଛି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା । ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି । ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ । ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ । ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି । ଗବେଷଣାରୁ ଜଣାପଡିଛି ମୌସୁମୀ ପରବ□ୀ ସମୟରେ ଅଧିକ ବାତ୍ୟା ଆସୁଛି ।ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି ।

ଜଳବାୟୁ ପରିବ□ନ ଆମ ପାଇଁ ବିପଦକୁ ଡାକି ଆଣୁଛି । ଏନେଇ ସାମୁଦ୍ରିକ ବିଜ୍ଞାନୀମାନେ ଅଙ୍କକଷା ଆରମ୍ଭ କରିଛନ୍ତି । ଏହି ଜଳ ବାୟୁ ପରିବ□ନ ପ୍ରଭାବରେ ସମୁଦ୍ର ପୂର୍ବାପେକ୍ଷା ଅଧିକ ଉ□ପ୍ତ ରହୁଛି । ଫଳରେ ପ୍ରତିବର୍ଷ ହାରାହାରି ଗୋଟିଏ ବଡ ବାତ୍ୟା ରାଜ୍ୟର ମେରୁଦଣ୍ଡ ଉପରେ ପ୍ରଚଣ୍ଡ ଆଘାତ ଦେଉଛି । ସୂଚନାଯୋଗ୍ୟ ଯେ, ଗତ ୩ବର୍ଷ ମଧ୍ୟରେ ପାଖା ପାଖି ଦେଢଲକ୍ଷ ଘର ମାଟିରେ ମିଶିଛି । ୭ଲକ୍ଷ ହେକ୍ଟର ଜମିର ଫସଲ ଉଜୁଡିଛି । ୪ହଜାରରୁ ଉର୍ଦ୍ଧ୍ୱ ଗୋସମ୍ପଦ ନଷ୍ଟ ହୋଇଛନ୍ତି । ଏଥିରୁ ଜଣା ପଡୁଛି ଯେ, ଓଡିଶା ଏବେ ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ରାଜ୍ୟ ହୋଇପଡିଛି । ଯଦିଓ ୧୮୯୧ରୁ ୨୦୨୧ମସିହା ମଧ୍ୟରେ ବାତ୍ୟା ସଂଖ୍ୟା ଧୀରେଧୀରେ କମିବାରେ ଲାଗଛି ତଥାପି ଆସୁଥିବା ବାତ୍ୟାର ପ୍ରକୋପ ପୂର୍ବ ତୁଳନାରେ ଅଧିକ ରହୁଛି । ଚଳିତ ବର୍ଷ ଲଘୁଚାପ ବର୍ଷା ଓଡିଶା ପାଇଁ ବାତ୍ୟା ଓ ବନ୍ୟାଡର ସୃଷ୍ଟି କରିଛି । ସେପ୍ଟେମ୍ବର ଗୋଟିଏ ଲଘୁଚାପ ଓ ଲଗାଣ ବର୍ଷା ନଯାଉଣୁ ପୁଣି ୨୫ ତାରିଖ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା ପରେ ବାତ୍ୟା ଗୁଲାବ ବିପଦ ଟଳିଯାଇଥିଲା ।ଚଳିତ ବର୍ଷ ବଙ୍ଗୋପ ସାଗରରୁ ବାରମ୍ବାର ଲଘୁଚାପ ସୃଷ୍ଟି ହେବାରେ ଲାଗିଛି ।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଭୟ ଲୋକଙ୍କୁ ଘାରୁଛି । ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଡର । ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବ□ନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି । ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅ□ଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଛି । ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉ□ରାଖଣ୍ଡ ମହାପ୍ରଳୟକୁ ଏବେ ପା□ବର୍ଷ ପୁରିବାକୁ ଯାଉଛି । ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃ□ିକା, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେ□ାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରକାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତିକା ମଧ୍ୟ ପ୍ରଦୂଷିତ ହେଉଛି । ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଏହି ସମୟରେ ଉ□ର ପଶ୍ଚିମ ମହାସାଗରରୁ ସୃଷ୍ଟି ବାତ୍ୟା ଆରବ ସାଗର ଅପେକ୍ଷା ବଙ୍ଗୋପସାଗରରେ ଅଧିକ ଶକ୍ତିଶାଳୀ ହୋଇ ତୁଳନାତ୍ମକ ଭାବେ ଅଧିକ ଶକ୍ତିଶାଳୀ ହୋଇ ବଡ ବାତ୍ୟା ସୃଷ୍ଟି କରିଥାଏ । ତେଣୁ ଏବେ ବି ଅକ୍ଟୋବର ଆସିଲେ ବାତ୍ୟାର ଭୟ ଆସେ ।

*ସଭାପତି, ସାରସ୍ୱତ ପରିଷଦ,*
*ଜଗତସିଂହପୁର*
*ମୋ-୯୩୩୭୨୨୧୯୨୪*

# ଯେ ବଡ଼ରେ ମାନ୍ୟଥିଲା ତାକୁ ବିଲୁପ୍ତ କରିବା ଚକ୍ରାନ୍ତ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବଡ଼ ଦାଣ୍ଡ, ବଡ଼ଦେଉଳ, ବଡ଼ ଠାକୁର, ଗଜପତି, ମହୋଦଧି, ମହାପ୍ରସାଦ, ବଡ଼ପଣ୍ଡା, ଏମିତି କେତେ ଅତିମହାମାନ୍ୟତାର ଶବ୍ଦ ଶ୍ରୀକ୍ଷେତ୍ର ପୁରୀରେ ଲାଗିବ । ବେଳେ ବେଳେ କଟକରେ ଏମିତି ଡାକମହାନଦୀ ଧବଳେଶ୍ୱରଙ୍କ ବଡ଼ଓଷା, ଗଜଭୋଗ, ଗଜମଣ୍ଡା, ଏମିତି କେନ୍ଦ୍ରାପଡ଼ାରେ ବଡ଼ ଠାକୁର ବଳରାମ, ଅତି ସମ୍ମାନନୀୟ ଶବ୍ଦର ଉଦଘୋଷ ରହିଆସିଛି, ଏତ ହେଉଛି ଧର୍ମମାନ୍ୟତାର ପ୍ରଥାଗତ ପରମ୍ପରା । କିନ୍ତୁ ଲୋକ ମାନଙ୍କର ଚିକିତ୍ସା ରୋଗ ନିଦାନର ବହୁତ ଭରସା ଯୋଗ୍ୟ ଅନୁଷ୍ଠାନ 'ବଡ଼ ଡାକ୍ତରଖାନା' ରାଜ୍ୟରେ ଥିବା ହାଇକୋର୍ଟ ଯାହା ଉଚ୍ଚ ବିଚାରାଳୟ, ଏଇ ସବୁ ମହାନ ଶବ୍ଦର ମହାନୀୟତାକୁ ନଷ୍ଟ କରିବା ପାଇଁ ଏକ ନୁହେଁ ଅନେକ ପ୍ରକାର କୌଶଳ କପଟ ଚାଲିବା ବୁଝପଡ଼ିଲାଣି । ରାଜା ଡାକ କେମିତି ହେଲା ପୂର୍ବେ ଭୟ ଉତ୍ପାତ ଆତଙ୍କ ବେଳେ ଯେ ଭରସା ହୋଇ ତ୍ରାହି କରୁଥିଲେ ଲୋକେ ତାଙ୍କୁ ସମ୍ମାନ ଦେଇ ତାଙ୍କୁ ଭବିଷ୍ୟତ ବିପଦ ପାଇଁ ଥଇତାନ ନିଜ ଜନ ବସତିରେ କରୁଥିଲେ । ହିଂସ୍ର ପଶୁ ନିଷ୍ଠୁର କ୍ରୁର ମନୁଷ୍ୟ ଠାରୁ ସେତେବେଳେ ଅତି ସାହାସରେ ଲୋକଙ୍କୁ ସେହି କାଳରେ ଯେ ଅଗ୍ରଗାମୀ ରକ୍ଷକ ସାଜୁ ଥିଲେ ସେହି ବନ୍ଦନୀୟ ଥିଲେ କାଳକ୍ରମେ ଏହା ରାଜତନ୍ତ୍ର । ସଂସ୍କାର ହୋଇ ବର୍ତ୍ତମାନ ଗଣତନ୍ତ୍ର, ଏବେ ଲୋକତ୍ରାସକାରୀ ରୋଗର ଆକ୍ରମଣ, ଆତଙ୍କ, ହଇଜା, ବସନ୍ତ, ମ୍ୟାଲେରିଆ, ପ୍ଲେଗ ପରି ସଂଘାତିକ ରୋଗ ଏପରିକି କରୋନା ମହାମାରୀ ପରି ସାମୁହିକ ଆତଙ୍କ ରୋଗ ରାଜଚେଷ୍ଟାରେ ଦମନ ହୋଇଛି । ମାତ୍ର ସମୟ ଏମିତି ବଣିକ ଶକ୍ତି ଏପରି କୌଶଳ କରୁଛନ୍ତି ସେମାନେ ପ୍ରଥମେ ଭୂମି ଦଖଲ ଦେଶର ପ୍ରଜାଧନ ସଂ୍ତ ବ୍ୟାଙ୍କଧନ ହାସଲ, ତା'ପରେ ଶିଳ୍ପ, ଲୋକଙ୍କୁ ଶ୍ରମିକ ରୂପେ ନେଇ ଲୋକବଳ ହାସଲ କରି ଧୀରେ ଧୀରେ, ମିନି ରାଜ୍ୟ ଏକ ପ୍ରକାର ଗଢ଼ି, ବଡ଼ ସାମ୍ରାଜ୍ୟ ଗଠନ ସପ୍ନ ଦେଖିଲେଣି । ନିର୍ବାଚନ ବେଳେ ରାଜନୈତିକ ଦଳ ମାନଙ୍କୁ ମୋଟା ଚାନ୍ଦା ମୋଦକ ଦେଇ ମୋଦ କରି ପରେ ଅକ୍ଳେଶରେ ବିସ୍ତାରରେ ଅଛନ୍ତି । କିମ୍ଭୀର କାନ୍ଦଣାରେ ଏପରି ସୁପର ହସ୍ପିଟାଲକୁ ଅନୁମତି ମିଳିଛି, ଯେ ମନମାନୀ ଅର୍ଥ ଶୋଷଣ କରୁଛନ୍ତି, ଏଥିରେ କେହି କହିବାର ନାହିଁ କି, ଦେଖିବାରେ ନାହାନ୍ତି, ଏବେ ମୋଦକ ସବୁ କରିପାରୁଛି । ବଡ଼ ଡାକ୍ତରଖାନା କ'ଣ ଉଚ୍ଚ ଶିକ୍ଷା ପ୍ରାପ୍ତ ଡାକ୍ତର ମୁତୟନ ହୋଇ ପାରୁ ନାହାନ୍ତି, ବିହିତ ବ୍ୟବସ୍ଥା ହୋଇପାରୁ ନାହିଁ ନା ଯନ୍ତ୍ରପତି ଅଭାବ ଯହିଁରେ ଲୋକଙ୍କୁ ସର୍ବସ୍ୱାନ୍ତ ପାଇଁ ରୋଗରେ ପ୍ରାଣଭୟ ଦେଖାଇ ସୁପର ହସ୍ପିଟାଲକୁ ପଠା ଯାଉଛି ? ଏକ ବଡ଼ପଣ ପର୍ଯ୍ୟାୟକୁ କାହିଁକି ଛୋଟିଆ କରାଯାଉଛି ? ଶ୍ରଦ୍ଧା ବିଶ୍ୱାସକୁ କେହି ବୁଡ଼ାନ୍ତୁ ନାହିଁ ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଦେବୀ ଉପାସନା ଓ ଦଶହରା

**କିଶୋର କୁମାର ଜେନା**

ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ । ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ ବାସନ୍ତୀ ପୂଜା କୁହାଯାଏ । ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତି ଉତଫୁଲ୍ଲ ହୋଇ ଜନ ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ, ମାତ୍ର ଏକ ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀ ପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଅଛି ।

ଏହି ମହାନ ଶାରଦୀୟ ପର୍ବ ଭାରତର ପୁର ପଲ୍ଲୀରେ ଦଶହରା ପର୍ବ ରୂପେ ପାଳନ କରାଯାଏ । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା । ଦୁର୍ଗାପୂଜା ପରି ଦଶହରା ପର୍ବ ମଧ୍ୟ ବର୍ଷକରେ ଦୁଇଥର ପାଳନ କରାଯାଏ । ଜ୍ୟେଷ୍ଠମାସ ଶୁକ୍ଳଦଶମୀ ହେଉଛି ଗଙ୍ଗାମାତାଙ୍କର ଜନ୍ମ ଦିବସ । ଏହିଦିନ ଗଙ୍ଗାପୂଜା କରି ଗଙ୍ଗାନଦୀରେ ସ୍ନାନ କଲେ ତ୍ରିବିଧ ପାପ ଖଣ୍ଡନ ହୁଏ ବୋଲି ଏହି ତିଥିକୁ 'ଦଶହରା' ବା 'ଦଶବିଧ' ପାପହରଣ ଦିବସ କୁହାଯାଏ । ଏହି ତିଥିଟି ଲୋକମୁଖରେ 'ଗଙ୍ଗା ଦଶହରା' ନାମରେ ପରିଚିତ । ଅନ୍ୟ ଦଶହରା ପର୍ବଟି ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ପାଳିତ ହୁଏ । ଏହା ଦୁର୍ଗାପୂଜାର ଶେଷ ଦିବସ । ଏହି ଦଶହରା ପର୍ବ ଭାରତରେ ସର୍ବଜନବିଦିତ ପର୍ବ । ତେଣୁ 'ଦଶହରା' କହିଲେ ସମସ୍ତେ ଆଶ୍ୱିନ ଶୁକ୍ଳ ଦଶମୀକୁ ହିଁ ବୁଝନ୍ତି ।

ଏହି ପବିତ୍ର ଦଶହରା ଦିବସରେ ରାମଚନ୍ଦ୍ର ମାତୃଶକ୍ତି ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ ବିଜୟ ଦଶମୀ କୁହାଯାଏ । ପୁଣି ଏହି ଦିବସର ଅବ୍ୟବହିତ ପୂର୍ବରୁ ସିଂହବାହିନୀ ଆଦ୍ୟା ଶକ୍ତି ଦୁର୍ଗା ଦୁର୍ଦ୍ଦମନୀୟ ମହିଷାସୁରକୁ ବଧ କରି ଦେବତା ମାନଙ୍କର ମଙ୍ଗଳ ବିଧାନ କରିଥିଲେ । ଦେବୀଙ୍କ ସହ ଦାନବ ମାନଙ୍କର ଯୁଦ୍ଧ କନ୍ୟା ମାସ ବା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା । ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲେ । ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ହେଲେ । ମହାମାରୁ ନବମୀ ରାତିର ଅନ୍ଧକାର ସହ ତ୍ରୈଲୋକ୍ୟରୁ ଅମଙ୍ଗଳର ଛାୟା ଅପସରି ଗଲା, ଶୁକ୍ଳ ଦଶମୀରେ ସବୁ ପ୍ରକାର ଶୁଭକାର୍ଯ୍ୟର ଆରମ୍ଭ ହେଲା । ଏହିଦିନ ଜଗତର ଦୁଃଖ ହରଣ ହୋଇଥିବାରୁ ଏହା 'ଦୁଃଖହା ଦଶମୀ' ନାମରେ ଖ୍ୟାତି ଲାଭ କରିଅଛି ବୋଲି ଆଦିକବି ଶୁଦ୍ରମୁନି ସାରଳା ଦାସ 'ଚଣ୍ଡୀପୁରାଣ'ରେ ଲେଖିଛନ୍ତି ।

'ଦୁଃଖଦା ଦଶମୀ' ଦିନ ମହାଦଶାରୁ ଉଦ୍ଧାର ପାଇ ଦେବତାମାନେ ମହାଶକ୍ତି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଏ । ପୁଣି ଦେବୀ ମାହାତ୍ମ୍ୟରୁ ଜଣାଯାଏ 'ଚଣ୍ଡୀ' ଶୁଣି ରାଜ୍ୟଭ୍ରଷ୍ଟ ରାଜା ସୁରଥଙ୍କର ମୋହ ତୁଟିଯିବା ପରେ ସେ ଦୁର୍ଗାପୂଜାର ପରମ୍ପରା ସୃଷ୍ଟି କରିଥିଲେ । ଦେବୀ ପୀଠ ଗୁଡ଼ିକରେ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହୁଏ । ଏହାକୁ ଷୋଳପୂଜା କୁହାଯାଏ ଶୁକ୍ଳପକ୍ଷ ସପ୍ତମୀ ଦିନ ମୃଣ୍ମୟୀ ପ୍ରତିମା ଓ ଘଟ ସ୍ଥାପିତ ହୁଏ । ଅଷ୍ଟମୀ ଦିନ ମହାଷ୍ଟମୀ ପୂଜା ଓ ବଳିଦାନ କରାଯାଏ । ବଳି ଶବ୍ଦର ଅର୍ଥ ହେଉଛି ଉପହାର । ଜଗତଜନନୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି ଉପହାର ଦେବାକୁ ପଡ଼େ । ତେଣୁ ଦେବୀପୂଜାରେ ବଳିଦାନର ବ୍ୟବସ୍ଥା ରହିଅଛି । ନବମୀ ଦିନ ରକ୍ତମୁଖା ଦେବୀଙ୍କୁ ଶାନ୍ତ କରିବା ପାଇଁ ଶାନ୍ତି ବୋଦା ପଡ଼େ । ଦଶମୀ ଦିନ ମହାସମାରୋହରେ ମୃଣ୍ମୟୀ ଦେବୀ ପ୍ରତିମା ଓ ଘଟ ବିସର୍ଜନ କରାଯାଏ । ପୁରୀଠାରେ ଦଶହରା ପରଦିନ ଦୁର୍ଗାଙ୍କର କ୍ରୋଧାନ୍ୱିତା ଶକ୍ତି ଗୋସାଣିମାନଙ୍କର ମେଳଣ ହୁଏ । ଏହାକୁ ଗୋସାଣୀ ଯାତ ଏବଂ ଏହି ତିଥିକୁ ଗୋସାଣୀ ଏକାଦଶୀ କୁହାଯାଏ । ଶାରଦୀୟ ଦୁର୍ଗାପୂଜାରେ ମହାସ୍ନାନ ବଳି ଏବଂ ହୋମର ବ୍ୟବସ୍ଥା ଥିବାରୁ ଏହାକୁ ମହାପୂଜା ମଧ୍ୟ କୁହାଯାଏ ।

ବିବିଧ କାରଣରୁ ଦଶହରା ପର୍ବ ପାଳନ କରାଯାଉଥିବାରୁ ଏହା ଏକ ମହାନ ପାର୍ବଣରେ ପରିଣତ ହୋଇଅଛି । ଏହି ପର୍ବର ମହତ୍ୱ ବିଷୟରେ ଦେବୀ ପୁରାଣରେ କୁହାଯାଇଛି ଯେ ଏହା ଏକ ମହାନ, ପବିତ୍ର ବ୍ରତ ଏବଂ ଏହି ବ୍ରତ ପାଳନ କଲେ ସିଦ୍ଧି ଲାଭ ହୁଏ ଓ ଶତ୍ରୁମାନେ ପରାଜିତ ହୁଅନ୍ତି । କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭର ପ୍ରାକକାଳରେ ଶ୍ରୀକୃଷ୍ଣ ପାଣ୍ଡବ ମାନଙ୍କୁ ବନଦୁର୍ଗାଙ୍କର ଆରାଧନା କରିବା ପାଇଁ ଉପଦେଶ ଦେଇଥିଲେ । ଇତିହାସ ପ୍ରସିଦ୍ଧ ଛତ୍ରପତି ଶିବାଜୀ ମଧ୍ୟ ମୋଗଲ ମାନଙ୍କସହ ଯୁଦ୍ଧ କରିବା ସମୟରେ ଦୁର୍ଗାଙ୍କର ଉପାସନା କରିଥିଲେ । ଦଶହରା ପର୍ବରେ ଦେବୀଙ୍କ ଶକ୍ତିର ପ୍ରତିଷ୍ଠା ପାଇଁ ଖଡ଼ଗ ପୂଜା କରାଯାଏ । ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି । ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦଯାପନ ପର୍ବ ମଧ୍ୟ ଦଶହରା ତିଥିରେ ପାଳିତ ହୁଏ । ପରମ-ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ । ସେ ମହାବିଦ୍ୟା, ମହାମାୟା ମହାଯୋଗେଶ୍ୱରୀ । ତାଙ୍କର 'କ୍ଷର' ବା ଶେଷ ନଥିବାରୁ ସେ 'ଅକ୍ଷରୀ' ।

*ଆଇନଜୀବୀ, ବଙ୍ଗାଳିସାହି, କଟକ,*
*ଦୂରଭାଷ : ୭୩୨୫୯୦୪୯୨୭/*
*୭୩୭୭୪୩୯୦୭୭*




# ଏରୁଣ୍ଡି ଡେଇଁବାର ବେଳ


ସୁଦର୍ଶନ ମହାପାତ୍ର

ଅନୁଭା ଶାଶୂଘର ଛାଡି ଘରେ ପାଦଦେବାର ଇତି ମଧ୍ୟରେ ଗୋଟିଏ ଦିନ ଗଡି ଯାଇଥିଲା । ଘର ଭିତରେ ଥିଲେ ବି ବାହାର ଘରେ ତାକୁ ନେଇ ଯାହା ଯାହା କଥାବାର୍ତ୍ତା ହେଉଥିଲା ତାକୁ ଶୁଭୁଥିଲା ।

ପିଉସୀ କହିଲେ –' ଅନୁ ଏମିତି ଗୋଟାଏ କିଛି କରି ବସିବ ଏକଥା ମୋତେ ଜଣାଥିଲା । ତୁମେ ବାପା ମାଆ ଦି ଜଣ ତାକୁ ମୁଣ୍ଡରୁ ଆକଟ କଲ ନାହିଁ । ଏବେ ଆଉ ବ୍ୟସ୍ତ ହେଲେ ଲାଭ କ'ଣ ? ଶେଷକୁ ଆମ ଘରର ଝିଅ ଏମିତି ନାଁ ପକେଇବ ବୋଲି କିଏ ଜାଣିଥିଲା ? ଆମେ ତ ? ଘର ଲୋକ ।ବାହାର ଲୋକ ଏକଥା ଜାଣିଲେ କିଏ କେତେ ପ୍ରକାରର କହିବେ' ଏସବୁ ଆକ୍ଷେପ ବୋଉ ପ୍ରତି ଥିଲା ବୋଲି ଅନୁଭା ବୁଝି ପାରିଲା । ହେଲେ ବୋଉ ପାଟିରୁ ପଦେ ହେଲେ କଥା ଶୁଣି ନଥିଲା ।ନଣନ୍ଦଙ୍କ କଥା ଉପରେ କଥା ହେବାକୁ ବୋଉର ହୁଏତ କୁଣ୍ଠାବୋଧ ହେଉଥିବ !

ଅନୁଭାକୁ ଏଥର ଶୁଭିଲା ଖୁଡିଙ୍କ ସ୍ୱର ।

-' ଦେଖ ଅପା, ଏବେ ବି ବେଳ ବହିଯାଇନି । ତୁମେ ଅନୁକୁ ଟିକିଏ ବୁଝେଇବାକୁ ଚେଷ୍ଟା କର । ନହେଲେ ତାକୁ ଏଇଠି କୁ ଡାକ । ଆମେ ସମସ୍ତେ ମିଶି ତାକୁ ବୁଝାଇବାକୁ ଚେଷ୍ଟା କରିବା'

ଏଥର ଅନୁଭାକୁ ଶୁଭିଲା ବୋଉର ସ୍ୱର ।

-' ନା ନା ତୁମେମାନେ କେହି ତା ସହିତ କଥାହେବା ଦରକାର ନାହିଁ । ଯାହା ବୁଝେଇବା କଥା ମୁଁ ବୁଝେଇବି । ମୁଁ ତା ସାଙ୍ଗରେ କଥା ହେବି । ସେ ଏବେ ଖୁବ୍ ମନଦୁଃଖରେ ଅଛି । ଆମେ ଏଠି ବଡପାଟିରେ କଥା ହେଲେ ସେ ସବୁ ଶୁଣିଦେବ ।'

–' ବାଃ ରେ । ଝିଅ କୁ ଏତେ ଡର ?ଶୁଣୁ ସେ । ଯେଉଁ ଗୁଣର କାମ କରିଛି ସେ !ଆମ ବଂଶ ମୁହଁରେ କାଳି ବୋଳିଲା ଭଳି କାମ କରି ଏଠିକି ପୁଣି ଆସିଛି ମୁହଁ ଦେଖାଇବାକୁ ।' ସ୍ୱର ପଞ୍ଚମକୁ ଉଠାଇଲା ଭଳି ଗଳାରେ କହିଲେ ପିଉସୀ ।

ପିଉସୀ ଙ୍କ ବଡ ପାଟିରେ ବୋଧହୁଏ ଝିଅର ନିଦ ଭାଙ୍ଗିଲା । ତା'ର କ୍ଷୀଣ କାନ୍ଦ ସ୍ୱର ଶୁଭିଲା ଅନୁଭାକୁ ।ଏଇ ମଉକାରେ ସେ ବାହାରି ଆସିଲା ଘର ଭିତରୁ ।

ଅପରାଧିନୀ ଭଳି ବୋଉ ତଳକୁ ମୁହଁ ପୋତି ବସିଥିବାର ଦେଖିଲା ଅନୁଭା । ତାକୁ ଦେଖି ମୁହଁ ଉପରକୁ କଲା ବୋଉ ।

ପିଉସୀ କିମ୍ବା ଖୁଡିଙ୍କୁ କିଛି କହିବାର ଆଗ୍ରହ ନଥିଲା ତାର । କିନ୍ତୁ ସେମାନଙ୍କ କବଳରୁ ବୋଉକୁ ଉଦ୍ଧାର କରିବାକୁ ଉଚିତ୍ ମନେ କଲା ସେ ।

–' କ'ଣ ହେଲା ଖୁଡି ?ତୁମର କିଛି ଅସୁବିଧା ହୋଇଛି କି ? ଏମିତି ଅସ୍ତବ୍ୟସ୍ତ ଜଣା ପଡୁଛ କାହିଁକି ?'

ଏମିତି ସିଧା ସଳଖ ସେମାନଙ୍କ ଆଗରେ ଠିଆ ହୋଇ ଅନୁଭା ଏମିତି ଢ଼ଙ୍ଗରେ କଥା ହେବ ବୋଲି ହୁଏତ ସେମାନେ ଭାବି ପାରିନଥିଲେ । ମୁହୂର୍ତ୍ତକ ମଧ୍ୟରେ ପରିବେଶ ଯେମିତି ସ୍ତବ୍ଧ ହୋଇଗଲା । ମାଆର ସ୍ୱର ବୋଧହୁଏ ଶୁଣି ପାରିଲା କୁନି ଝିଅ । ଏପଟ ସେପଟ ଚାହିଁଲା ।ଅନୁଭା ଝିଅକୁ କୋଳକୁ ନେଇ ବସିପଡ଼ିଲା ବୋଉ ପାଖରେ । ପୁଣି କଥା ଆରମ୍ଭ କଲେ କକା ।

–' ତୁ ଯେଉଁ କାମଟା କଲୁ କିଛି ଭଲ କଲୁନାହିଁ ବୋଲି ସମସ୍ତେ କହୁଛନ୍ତି । ସେଇ କଥା କହିବାକୁ ତୋ ଖୁଡି ଓ ମୁଁ ଆସିଥିଲୁ ।'

କକାଙ୍କ ଠାରୁ କଥା ଛଡେଇ ନେଇ ଖୁଡି କହିଲେ –' ତୋ ବୋଉ ତ ତୋତେ ଏତେ ଡରୁଛି ଯେ ଆମକୁ ବଡପାଟିରେ କଥା ହେବାକୁ ମନା କରୁଛି । ସେ ଆଉ ତୋତେ କ'ଣ ବୁଝାଇବ ?'

ଅନୁଭା ଲକ୍ଷ କଲା ବୋଉ ମୁହଁ ସାଦା କାଗଜ ଭଳି ଦିଶୁଛି । ସତେ ଯେମିତି କିଏ ସବୁତକ ରକ୍ତ ଶୋଷି ନେଇଛି ତା'ର ଶିରା ପ୍ରଶିରାରୁ । ଦିଶୁଛି ଅବଶ,ରୁଗଣ୍ଣ,କ୍ଳାନ୍ତ... !!

-' ତୁମେ ସମସ୍ତେ ତ ବୋଉକୁ ଜାଣିଛ । ଜୀବନଯାକ ଖାଲି ଯାହା ସେ ସହିଆସିଛି । ପ୍ରତିବାଦ କରି ଜାଣିନି କି ପ୍ରତିରୋଧ କରି ଜାଣିନି । ଅନ୍ୟ ମାନଙ୍କୁ ଡରୁ ଡରୁ ଏବେ ମୋତେ ବି ଡରିବାକୁ ଆରମ୍ଭ କଲାଣି ।' କହିଲା ଅନୁଭା ।

-' ତୁ ତୋ ଝିଅକୁ ନେଇ ଏଠୁ ଯା ଅନୁ । ତାକୁ ଖୋଇଦେବୁ ।ଆମ କଥାରୁ ତୋତେ କ'ଣ ମିଳିବ ?' କହିଲା ବୋଉ । ଅନୁଭା କିନ୍ତୁ ସେଠୁ ଗଲା ନାହିଁ । ତିନି ଯୋଡ଼ା ଆଖି ଅନୁଭା ଉପରେ ସତେକି ନିଆଁ ବରଷାଇ ଦେବେ ।

ଅନୁଭା କିନ୍ତୁ ସେସବୁକୁ ଅଣଦେଖା କରି ପିଉସୀ ଙ୍କ ମୁହଁକୁ ସିଧା ଚାହିଁଲା ।

-' କ'ଣ କହୁଥିଲ ନାନୀ ? ମୁଁ ଏମିତି କିଛି କରି ବସିବି ବୋଲି ତୁମକୁ ଜଣାଥିଲା ? ବାପା ବୋଉ ମୋତେ ଆକଟ କଲେ ନାହିଁ ବୋଲି ଆକ୍ଷେପ କରୁଛ ? ମୁଁ ବଂଶର ନାଁ ବୁଡେଇଛି ? ତେବେ କୁହ ତୁମ ଝିଅ ଯେତେବେଳେ ଗୋଟିଏ ପୁଅ ସହିତ ଲିଭ୍ ଇନ୍ ରେ ଥିଲା ଏବଂ ପରେ ଆଉ ଗୋଟିଏ ପୁଅକୁ ବାହା ହୋଇଗଲା ସେତେବେଳେ କୁଆଡେ ଥିଲା ତୁମର ହିତ ଉପଦେଶ ? ସେଇ ଅସୁବିଧା ସମୟରେ ବାପା ତୁମକୁ ସାହାଯ୍ୟ କରିଥିଲେ ନା ଆକ୍ଷେପ କରିଥିଲେ ତୁମ ଝିଅ କୁ ? ଏବେ ମୋ ବେଳକୁ ସବୁ ସଂସ୍କାର ବାହାରୁଛି ।

ତୁମ ବାହାଘର ସମୟରେ ବୋଉ ତା'ର ସୁନା ଗହଣା ସବୁକୁ ତୁମ ପାଇଁ ଅକାତରେ ଯାଚି ଦେଇଥିଲ କି ନାହିଁ ? ହେଲେ ମୋ ବାହାଘର କୁ ତୁମେ ଗହଣା ଆକାରରେ ବାପାଙ୍କୁ କିଛି ଦେଇ ସାହାଯ୍ୟ କରିଥିଲ କି ? ବରଂ କକାଙ୍କୁ ସପୋର୍ଟ କରି ବିନା ଯୌତୁକରେ ବାହାଘର ସାରିବାକୁ ବାପାଙ୍କୁ ପରାମର୍ଶ ଦେଇଥିଲ । ସବୁ କଥା ଭୁଲି ଗଲଣି ବୋଧହୁଏ । ଉପରକୁ ଯୌତୁକ ଦରକାର ନାହିଁ ବୋଲି କହୁଥିବା ଲୋକ ସେଇ ଯୌତୁକ କଥା କହି କେତେ ଅତ୍ୟାଚାର କରିଛନ୍ତି ଜାଣ କି ତୁମେ ? ଏବେ ବୋଉକୁ ଆସି ରୀତିନୀତି କଥା ଶୁଣଉଛ ।' ଅନୁଭା କଥାରେ ପିଉସୀ ନାନୀ ଯେମିତି ପଥର ମୂର୍ତ୍ତି ହୋଇ ବସିଥିଲେ ।

ଅନୁଭା ଏଥର ମୁହଁ ବୁଲେଇଲା କକାଙ୍କ ଆଡକୁ ।

–' କ'ଣ କହୁଥିଲ କକା ? ମୁଁ ଯେଉଁ କାମଟା କଲି କିଛି ଭଲ କଲି ନାହିଁ ? ଆଉ ତୁମେ ଯାହାଟା କରିଥିଲ ଭଲ କରିଥିଲ ?

ଅତନୁଙ୍କ ସହ ବାହାଘର ପ୍ରସ୍ତାବକୁ ତୁମେ ହିଁ ଭାଙ୍ଗିଥିଲ । ଅତନୁ ଙ୍କ ନାଁ ରେ କୁତ୍ସାରଟନା କରି ବାପାଙ୍କୁ ଭରସା ଦେଇଥିଲ ଭଲ ପ୍ରସ୍ତାବ ଆଣିଦେବ ବୋଲି । ଶେଷରେ ଏଇ ଦୀପକଙ୍କ ପ୍ରସ୍ତାବ ଆଣି,ତାଙ୍କ ଘରର ବଡିମା ଦେଖାଇ ବାପାଙ୍କୁ ମୋହଗ୍ରସ୍ତ କରି ଦେଇଥିଲ । ଶେଷକୁ ବାପାଙ୍କ ଇଚ୍ଛାରେ ତାଙ୍କ ସମ୍ମାନକୁ ପ୍ରାଧାନ୍ୟ ଦେଇ ଅତନୁଙ୍କୁ ଭୁଲି ମୁଁ ଦୀପକଙ୍କୁ ବାହା ହେଲି ।

ବାପା ଯୌତୁକ ଦେଇ ପାରିବେନି ବୋଲି ବିନା ଯୌତୁକ ରେ ଯେଉଁଠି ମୋତେ ବାହାଘର କରିଦେଲ ତୁମେ କଣ ଜାଣିନଥିଲ ସେମାନଙ୍କ ବିଷୟରେ ସବୁ କଥା ? ଖୁଡିଙ୍କର ସମ୍ପର୍କୀୟ ପରା ସେମାନେ ।'

–' ତୁମେ କ'ଣ ଜାଣିନଥିଲ ଦୀପକଙ୍କ ବଡ଼ଭାଇଙ୍କର ଡିଭୋର୍ସ ହୋଇ ଯାଇଛି ବୋଲି । ସ୍ତ୍ରୀ ଙ୍କୁ ନିର୍ଯାତନା ମାମଲାରେ ସେ କିଛି ଦିନ ଜେଲ ଦଣ୍ଡ ଭୋଗି ସାରିଛନ୍ତି ବୋଲି ?'

–'ମୋ ବାହାଘର ପରେ ଥରକ ପାଇଁ ଯାଇଛ କି ସେଇ ଜାଗାକୁ ଯେଉଁଠି ମୋତେ ଛାଡି ଆସିଥିଲ ? ବୁଝିବାକୁ ଚେଷ୍ଟା କରି ଥିଲକି ମୁଁ ସେଠି କେମିତି ଅଛି ବୋଲି ? ଦୀପକ ଙ୍କର କେତେ ଝିଅ ଙ୍କ ସହିତ ସମ୍ପର୍କ ଖୁଡ଼ି ସବୁ ବିଷୟରେ ଅବଗତ ଥିଲେ କି ନାହିଁ ?'

–' ଦୀପକ ଙ୍କୁ ଏ ବିଷୟରେ ପଚାରିଲା ମାତ୍ରେ ଧମକ ଚମକ କିମ୍ବା ମୋ ଉପରକୁ ହାତ ଉଠାଇବାର ଧାରା କେବେଠୁ ଚାଲିଛି । ତୁମକୁ ବି ଏକଥା ଜଣାଇଥିଲି । ତୁମେ କିଛି ପ୍ରତିକାର କଲ କି ? ଦେଖିବାକୁ ଚାହୁଁଛ କି ବେଲ୍ଟ ପାହାରର ଦାଗ ମୋ ଦେହରେ ?' ଅନୁଭା କଣ୍ଠରେ ଯେମିତି କୋହ ଉତୁରି ଉଠୁଥିଲା ।

–' ତୁମକୁ ଜଣାଇବା ଅପରାଧରେ ଆହୁରି ଗାଳି,ଧମକ ମିଳିଲା ଶାଶୁଙ୍କ ଠାରୁ । ଦୀର୍ଘ ଦୁଇବର୍ଷ ଧରି ସେଠି ପଡ଼ିରହିଥିଲି ତଥାପି ।ହେଲେ ଆଉ ପାରିଲିନି । ତୁମେ କ'ଣ ଚାହୁଁଛ ମୁଁ ସେଠି କାଠ କଣ୍ଢେଇ ଭଳି ପଡିରହି ଯାବତୀୟ ନିର୍ଯାତନା ଜୀବନ ତମାମ ସହେ ନା ଆତ୍ମହତ୍ୟା କରେ.. !'

ଏତିକିରେ କଥା ବନ୍ଦ କଲା ଅନୁଭା ।

–' ଅନୁ ଗୋଟିଏ କଥା କହିବି ? ଆମର ଏ ଦେଶ ହେଲା ସହିଷ୍ଣୁତାର ଦେଶ ।ଏ ଦେଶ ସୀତା, ସାବିତ୍ରୀ ଙ୍କ ଦେଶ । ଏ ଦେଶର ନାରୀ ସେମାନଙ୍କୁ ଆଦର୍ଶ ମାନିଛନ୍ତି । ସେଇ ମହୀୟସୀ ନାରୀ ମାନେ ଯୁଗ ଯୁଗ ଧରି ଏ ଦେଶର ଆତ୍ମାରେ ବିରାଜମାନ କରନ୍ତି ।କାଳେ ଦୀପକ ବଦଳି ଯାଇଥାନ୍ତେ.. ! ତେଣୁ ତୁ ଟିକିଏ ସହି ଯାଇଥିଲେ ଭଲ ହୋଇଥାନ୍ତା ।' କହିଲେ ପିଉସୀ ନାନୀ ।

– ' ନାନୀ, ସବୁ ସୀତାଙ୍କ ପାଇଁ ରାମ କିମ୍ବା ସାବିତ୍ରୀଙ୍କ ପାଇଁ ସତ୍ୟବାନ ଟିଏ ବି ଆବିର୍ଭାବ ହେବା ଦରକାର । ଯାହା ଏହି ଦୁନିଆରେ ବିରଳ ।ଆମର ଏଇ ପବିତ୍ର ଦେଶରେ ଦୁର୍ଗା ବି ଅବତୀର୍ଣ୍ଣ ହୋଇପାରନ୍ତି । ତୁମ ମାନଙ୍କ ପାଇଁ ଏତିକି ସାନ୍ତ୍ୱନା ଯେ ମୁଁ ଏଯାଏଁ ଦୁର୍ଗା ରୂପ ନେବାକୁ ଚେଷ୍ଟା କରିନି । ଏବେ ଯାଏଁ ବି ପୋଲିସ ଷ୍ଟେସନ ଯାଇଁ ସେଇ ନରାଧମ ମାନଙ୍କ ବିରୋଧରେ ଏଫ୍ ଆଇ ଆର୍ ଦେଇନି ।'

–' ହେଲେ ତୋର ଝିଅର ଭବିଷ୍ୟତ କଥା ଥରେ ଭାବି ଦେଖିଛୁ କି ? ତାରି କଥା ଚିନ୍ତାକରି ତୋ ଖୁଡି କହୁଥିଲା ସେ ଘରର ଏରୁଣ୍ଡି ଡେଇଁବାର ମାନସିକତା ନରଖିବା ପାଇଁ ।' କହିଲେ କକା ।

–' ଡେରିରେ ହେଲେ ବି ମୁଁ ଦୁନିଆକୁ ଚିହ୍ନି ସାରିଛି । ସଂପର୍କର ଦ୍ୱାହି ଦେଇ ଆତ୍ମୀୟ ମାନେ ହିଁ ନିଜର ସ୍ୱାର୍ଥ ସିଦ୍ଧି ପରେ ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଦୀର୍ଘ ଦୁଇ ବର୍ଷ ଯେ ସେଠି ମୁଁ କେମିତି କାଟିଛି ମୁଁ ଜାଣେ । ବାପା ବୋଉଙ୍କ ମନରେ ଦୁଃଖ ଦେବିନି ବୋଲି ସେଠି ପଡ଼ି ରହିଥିଲି । ଝିଅଟିଏ ମୋ କୋଳକୁ ଆସିଲା ବୋଲି ସେଇଟା ମୋର ଦୋଷ ।ଶାଶୁଙ୍କୁ ବୁଝାଇବାକୁ ଚେଷ୍ଟା କଲି ତ ମୁହଁ ଉପରେ ଜବାବ ଦେଉଛି ଦୋଷରେ ସ୍ୱାମୀ ନାମକ ରାକ୍ଷାସ ଠାରୁ ମାଡ ଖାଇଲି । ସେମାନେ ମୋ ଝିଅକୁ ମାରିଦେବାକୁ କିମ୍ବା ଅନାଥାଶ୍ରମରେ ଦେଇ ଦେବାକୁ ଧମକ ଦେଉଥିଲେ । ସେଇ ଭୟରେ ଶୀଘ୍ର ସେ ଘରକୁ ଛାଡ଼ିବାକୁ ନିଷ୍ପତ୍ତି ନେଲି ।' କହିଲା ଅନୁଭା । ଘରେ ହଠାତ୍ ଯେମିତି ନିସ୍ତବ୍ଧତା ଖେଳୁଥିଲା । ବୋଉ ଆଖିରେ ଲୁହ ଟଳମଳ କରୁଥିବାର ଦେଖିଲା ଅନୁଭା । ସେ ଉଠି ଚାଲିଗଲା ଘର ଭିତରକୁ ।

ଆଗନ୍ତୁକ ମାନେ ବି ମୁହଁ ଫଣଫଣ କରି ଉଠି ଚାଲିଗଲ ।ସେତେବେଳକୁ ରାତି ଆଠଟା ହେବ । ଟିକିଏ ସମୟ ପରେ ବୋଉ ଆସିଲା ତା ପାଖକୁ । ଆଖିରେ ତା'ର ଏପର୍ଯ୍ୟନ୍ତ ଲୁହ ଲହଡ଼ି ଭାଙ୍ଗୁଥିବାର ଦେଖିଲା ଅନୁଭା ।ବାପା ତାକୁ ଡାକୁଛନ୍ତି ବୋଲି କହି ବୋଉ ଚାଲିଗଲା । ବାପାଙ୍କ ଆଗରେ ମଥାନତ କରି ଠିଆହେଲା ଅନୁଭା । ବାପାଙ୍କ ସ୍ନେହ ଭରା ଆଖି ଝିଅର ମୁହଁ ଠାରୁ ପାଦ ପର୍ଯ୍ୟନ୍ତ ବୁଲି ଆସିଲା । ସେଇ ଚାହାଣୀରେ କ'ଣ ଥିଲା କେଜାଣି ଅନୁଭା ହୃଦୟର ସବୁ ଉଦବେଳନ ଶାନ୍ତ ହୋଇଗଲା ।

– 'ଏଇଠିକି ମୋ ପାଖକୁ ଆ ମା.... !'

ଅନୁଭା ଯାଇ ବସିଲା ବାପାଙ୍କ ପାଖରେ ।

–' ମୋ ମା କ'ଣ ଖୁବ୍ ରାଗିଯାଇଛି କି ? କକା,ଖୁଡି, ନାନୀ ଆସି ତୋତେ କ'ଣ ବୁଝଉଥିଲେ ନା ?'

ଅନୁଭା ବାପାଙ୍କ ମୁହଁକୁ ଚାହିଁଲା । ସତେକି ନୂଆ କରି ଆଜି ଦେଖୁଛି ।ଏଇ ଗୋଟିଏ ଲୋକ ଯିଏ ତାକୁ ଏପର୍ଯ୍ୟନ୍ତ କୋ ?ଣସି ପ୍ରଶ୍ନ ପଚ୍ ।ରା ।ନା ।ହା ।ନ୍ତି ।ଏକଦମ ସାବଲୀଳ । ଯେମିତି ସେ ତା'ର ପଦକ୍ଷେପକୁ ସମର୍ଥନ କରୁଛନ୍ତି ।

–' ବାପା, ସେମାନେ ମୋ କଥା ବୁଝିବାକୁ ଆସି ନଥିଲେ । ଆକ୍ଷେପ କରିବାକୁ ଆସିଥିଲେ ।'

–' ସେମାନେ ତ ସେମିତି କହିବେ ମା ? । ତୁ ପରା ବଡ଼ ହେଲୁଣି । ସଂସାର ବିଷୟରେ ସବୁ ବୁଝି ପାରିଲୁଣି ।କାହାକୁ ଆଉ ଭରସା କରିବି ?' ଏକ ଗଭୀର ନିଶ୍ୱାସ ତାଙ୍କର ହୃଦୟ ଚିରି ବାହାରି ଆସିଲା ।

ବାପାଙ୍କର ଏଇ ଦୀର୍ଘ ନିଶ୍ୱାସ ପଛରେ ଥିବା ମନୋବେଦନା ବୁଝି ପାରୁଥିଲା ଅନୁଭା । ବଡ଼ଭାଇଟିଏ ବାପାଙ୍କ ରୂପରେ ଠିଆ ହୋଇ ସାନଭାଇ କୁ ମଣିଷ କରିବା ପାଇଁ ଯାହା କିଛି କଷ୍ଟ ସହିଥିଲେ କିମ୍ବା ସାନଭଉଣୀ ପାଇଁ ଯାହା କରିଥିଲେ ସେମାନେ ଭୁଲିଗଲେ ସବୁ କଥା ।ବୟସ ବଢିବା ସଙ୍ଗେ ସଙ୍ଗେ ସାଧାରଣ ଭାବରେ ଲୋକଙ୍କର ରକ୍ଷଣଶୀଳତା ବଢେ । କିନ୍ତୁ ବାପାଙ୍କ କ୍ଷେତ୍ରରେ ଏକ ଅଦ୍ଭୁତ ବ୍ୟତିକ୍ରମ ! ଜୀବନକୁ ଦେଖୁଛନ୍ତି ରୀତି ନୀତି ଊର୍ଦ୍ଧ୍ୱରେ । ସଂକୀର୍ଣ୍ଣତାର ବଳୟରୁ ବାହାରି ଆସି ଦୁନିଆର ବ୍ୟାପକତାରେ ସାମିଲ ହୋଇଛନ୍ତି । ସତ୍ୟ କୁ ସ୍ୱୟଂସିଦ୍ଧ ବୋଲି ମାନିନେଇଛନ୍ତି । ଅତିକ୍ରମ କରି ଯାଇଛନ୍ତି ଛଳନାରେ ଚହଟି ଯାଉଥିବା ମିଛ ଆଲୋକର ଆମନ୍ତ୍ରଣକୁ ।

–' ମାଆ, ମୁଁ ଆଉ ତୋ ବୋଉ ତୁ ନେଇଥିବା ନିଷ୍ପତ୍ତିକୁ ଠିକ୍ ବୋଲି ଭାବୁଛୁ ।ତୋ ଝିଅ କୁ ଆମେ ଠିକରେ ପାଳି ପାରିବୁ ।ଆମ ନିଃଶବ୍ଦ ଘର ପୁଣି ଥରେ ମୁଖରିତ ହେବ ।ଆମ ଏକାକୀତ୍ୱ କୁ କୋଳାହଳରେ ପରିଣତ କରିଦେବ ଆମ ନାତୁଣୀ । ତୁ ଏଥର ତୋ ସ୍ୱପ୍ନ ସାକର କରିବାକୁ ଲାଗିପଡ଼ । ତୋର ଯଦି ଚାକିରି ହୋଇଯାଏ ଆମର ସବୁ ଚିନ୍ତା ଦୂର ହୋଇଯିବ । ତାପରେ ଆମେ ନିଶ୍ଚିନ୍ତରେ ମରିପାରିବୁ ।' କହିଲେ ବାପା । ବାପାଙ୍କ ପାଦ ଛୁଇଁଲା ଦୁଇ ଯୋଡା ହାତ । ସେଇଠି ପୁଣି ଲଥ କରି ବସିପଡି ବାପାଙ୍କ ଦୁଇ ଗୋଡ଼କୁ ଜାବୁଡି ଧରିଲା ଅନୁଭା । ଆଖିରେ ଲୁହର ପ୍ଲାବନ ।

–' ମୋର ଏଇ ଟିକକ ଭରସା ଥିଲା ବାପା । ସେଇଥିପାଇଁ ଧାଇଁ ଆସିଛି ତୁମ ପାଖକୁ ।ମୋ ସ୍ୱପ୍ନ ଏଥର ନିଶ୍ଚୟ ପୂରଣ କରି ପାରିବି... ! ତୁମ ଅନୁମତି ପାଇଲି ତ ଡେଇଁଯିବି ଏଥର ଏରୁଣ୍ଡି !' କୋହ ଜୁଡୁବୁଡୁ କଣ୍ଠରେ କହିଲା ଅନୁଭା ।

*କୁଞ୍ଜବିହାରୀ ଲେନ, କଟକ*

*ମୋ: ୯୪୩୮୧୭୫୫୪୨*

## ଆଭିମୁଖ୍ୟ

*ରତ୍ନକାନ୍ତି ମିଶ୍ର*



ମାଟି ଶିକ୍ଷାଦିଏ ସହିଷ୍ଣୁତା ପଣ
ଆକାଶ ପ୍ରକାଶେ ଉଦାରତା
ସାଗର ସୂଚାଏ ଛଳଛଳ ଖୁସି
ପାଦପ ଦର୍ଶାଏ ବଦାନ୍ୟତା ॥
ସମଭାବାପନ୍ନ ସୂରଜ ସଦେବ
ଶିଖାଏ ଉନ୍ନତା ଉତ୍ତରଣ
ଦରଦୀ ହୃଦର ଉଦାହରଣରେ
କିଏ ଅବା ନେବ ମେଘ ସ୍ଥାନ॥
ଅନ୍ୟର ଦୁଃଖରେ ଦୁଃଖୀ ହୋଇ ବର୍ଷା
ଝରାଏ ନୟନୁ ସତେ ଲୁହ
ନିଜେ ଜଳି ଜଳି ଆଲୋକ ବିତରି
ଦୀପ ଢୋକିପାରେ ନିଜ କୋହ ॥
ବଚନ ମଧୁର କୁହୁକେ କୋକିଳ
ଆକର୍ଷି ପାରଇ ଜନମନ
ମଧୁ ମାଳତୀର ମିଠା ମିଠା ହସ
ଦୂର କରିପାରେ ଅଭିମାନ ॥
ମଲ୍ଲିକା ଖେଳାଇ ଶୁଭ୍ରତା ସୁବାସ
ବିକଚେ ନିଜର ଆଭିମୁଖ୍ୟ
ନିରିମାଖି ପଦ୍ମ ହୁଏ ଉନ୍‌ମେଷିତ
ଆଲୋକ ଉନ୍ମୁଖେ ପାଏ ସଖ୍ୟ ॥
ପାହାଡ ପାହାଚେ ପାଦ ଥାପି ନଈ
ତଳକୁ ଓହ୍ଲାଏ ଖୁସି ମନେ
ସାଗର ସଙ୍ଗମ ଲକ୍ଷ ତା ସାକାର
ନିଶ୍ଚିତ ପୂରଣ ହୁଏ ଦିନେ ॥
ଆଲୋକ ଅନ୍ଧାର ମୁଦ୍ରା ଦୁଇ ପାର୍ଶ୍ୱ
ଦିନ ରାତି ହୁଏ ଆତଯାତ
କର୍ମ ଘେନି ସିନା ବିଭୁ କରୁଣାରେ
ମନୁଷ୍ୟ ଜୀବନ ପ୍ରତିଭାତ ॥

*ଆଳି, କେନ୍ଦ୍ରାପଡା*

## ଭସା ବାଦଲକୁ ଭରସା ନାହିଁ

*ନିରଞ୍ଜନ ସାହୁ*



ସିଏ ଆସିଥିଲା ସିଏ ଚାଲିଗଲା
ଫେରିବାର କଥା କହି
ଫେରିବ କି ନାହିଁ ସିଏ ଏକା ଜାଣେ
ଥାଅ ଅପେକ୍ଷାରେ ରହି ।

ଏମିତି ତ କେତେ ପ୍ରତିଶ୍ରୁତି ଦେଇ
ସବୁ ତ ଦେଇଛି ଫାଙ୍କି
ଆଉ ପ୍ରତାରଣା ନ କରିବ ଭାବି
ବସ ନାହିଁ ସ୍ୱପ୍ନ ଆଙ୍କି
ସହଜରେ ତାକୁ ବିଶ୍ୱାସ କରିଲେ
ପରାଣ ହୋଇବ ଦହି ।

ଉପରେ ଉପରେ ସରଳିଆ ଭାରି
ଭିତରେ ସେ ସାଙ୍ଘାତିକ
ଥାଳ ଭରିଦେବ କହିଦେଇ ସିଏ
ଦେବ ନାହିଁ ମୁଠେ ଭିକ
ଏମିତି ଭାବରେ ଚୋଟ ମାରିଦେବ
ସେ ଜ୍ୱାଳା ହେବନି ସହି ।

ଏମିତି ଭାବରେ ଯିବା ଆସିବାରେ
ଯଦି ହୋଇଥାଏ ଦେଖା
ମନେପକାଇବ ଡେଇଁ ଯାଇଛି ସେ
ସମ୍ପର୍କ ଲକ୍ଷ୍ମଣ ରେଖା
ତାହାରି କଥାକୁ ଗ୍ରହଣ ନ କରି
ଫେରିଆସ ଦୟାବହି ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## ତୁମେ ଗଲାପରେ

*ଅରୁଣ କୁମାର ବିଶ୍ୱାଳ*



ଇଶ୍ୱର ନିରୁଦ୍ଦିଷ୍ଟ,ଅଜ୍ଞାତ ବାସରେ
ସ୍ନେହ, ପ୍ରେମ, ଭକ୍ତି ବନ୍ଧା ଛଳନା ପାଖରେ
ଝଡ ପର ନୀରବତା ସବୁଠାରେ ଖେଳେ,
ତୁମେ ଗଲାପରେ,
ଓଁକାର ଧ୍ୱନି ଶୁଭୁନି ଆଉ
ମନ୍ଦିର ଭିତରେ ।
ବସନ୍ତରେ ମଳୟ ବହୁନି ଆଗପରି
ବରଂ ବିଚଳିତ କରେ ନିଦାଘର ତାତି
ତୁମେ ଗଲାପରେ
ସବୁ ଶୁନଶାନ
ନଇ ତୋଟା ଆମ୍ବ ଗଛ ଡାଳେ
ଶୁଭୁନି କୋଇଲିର ମିଠା ମିଠା ଗୀତି ।
ବ୍ରାହ୍ମଣୀ ନଦୀରେ ଅନେକ ପାଣି ବୋହିଲାଣି
ହେଲେ, ଆଉଜହ୍ନରାତିର ନଈକୂଳ ଓ
ଜ୍ୟୋତ୍ସ୍ନା ବିଜଡିତ ପାଣିର ସେ କୁଳୁ କୁଳୁ ଶବ୍ଦ
ତୁମେ ଗଲାପରେ,
ହୃଦୟକୁ ଟିକିଏ ଛୁଉଁନି ଓ
ଡମଣାଠୁ ଗଋଡ଼କଣ ଅବା
ବରୀଠୁ ରାଜତୋଟା
ସବୁଠି ଚଉଡା ରାସ୍ତା
ହେଲେ, ତୁମ ଛାତି ଭଳି ନୁହେଁ ଓସାରିଆ
ତୁମେ ଗଲା ପରେ,
ବ୍ରାହ୍ମଣୀ ର ପାଣି ମିଠା ଲାଗୁନାହିଁ,
ହୋଇଛି ଗୋଳିଆ ।
ତଥାପି, ଆମ ରହିଛି ପ୍ରତୀକ୍ଷା
ତୁମେ ଆସିବ ତୁମ ପୃଥିବୀକୁ
ନୂଆ ରୂପରେ
ଭରିଦେଇ ନୂଆ ଉନ୍ମାଦନା
ଅହଂକାର ଅମକ୍ଷରକ୍ଷତି ଦୂର କରିଦେଇ
ବାଣ୍ଟିଦେବ ପ୍ରେମ, ନଥିବ ଛଳନା ।

*ରଘୁନାଥ ପୁର, କୀଟ, ଖୋର୍ଦ୍ଧା*

## ଭୋଗ ଓ ତ୍ୟାଗ

*ସୁଧାକର ରାଉତ*



କା ହୃଦ ରକତ ଅଳତା କରି ମୁଁ
ପିନ୍ଧାଇନି କାହା ପାଦେ
କା ସପନ ଚୋରାଇ କରି ଆଣି ମୁଁ
ଦେଖିନି ମୋହର ନିଦେ ।
ଗର୍ବର ଝଞ୍ଜାରେ କା ଅଧିକାରକୁ
ବଞ୍ଚିତ କରିନି ଲବେ
କା' ର ପରାଜୟେ ଅଟ୍ଟହାସ କରି
ଜୟ ମୁଁ ଲଭିନି ଭବେ ।
ଅହଙ୍କାର ବଶେ କାର ଗରିମାକୁ
ଦେଖିନି ଭାବିଣ ହୀନ
କା' ର ଗୌରବକୁ ଶରବ୍ୟ କରିନି
ପ୍ରତିଷ୍ଠାକୁ କରି ନ୍ୟୂନ ।
ସଫଳତା ଲାଗି କା ମଥାରେ ପାଦ
ଥୋଇବାର ଯେଉଁ କଳା
ଶିକ୍ଷା ନକରି ବରଂ କା ବିଫଳତାକୁ
ପିନ୍ଧିଛି କରି ମୁଁ ବଳା ।
କା' ମୁଖେ ହସ ଫୁଲ ଫୁଟାଇବାକୁ
ଗୁମୁରି କାନ୍ଦେ ବି ଆଜି
କା' ନିନ୍ଦାକୁ ନିଜ ଗଳା ମାଳି ଭାବି
ଅପବାଦେ ଗଲି ଭିଜି ।
କା' ଆଶାରେ ସକାଳର କିରଣକୁ
ଢାଳି ଗଲା ସଞ୍ଜ ନଇଁ
କା' ଆଖିରେ ଆଲୋକର ରେଖା ଟାଣି
ବଞ୍ଚିଛି ଅନ୍ଧାର ପାଇଁ ।
କା ଜୀବନ କୁ ମହକାଇବା ଲାଗି
ନିଜେ ହରାଇଛି ବାସ
କା ହୃଦେ ଅମୃତ ଢାଳିବା ପ୍ରୟାସେ
ପାନ କରିଛି ମୁଁ ବିଷ ।
ନାହିଁ ମୋ ଦହନେ ରୋଷ
ଅଗ୍ନି ପଥେ ଚାଲୁଅଛି ଚାଲୁଥିବି
ଲଭିଣ ପରମ ତୋଷ ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## ସୂତ୍ର


ଆଦ୍ୟାଶା ମହାପାତ୍ର

ସହରର ନିକଟରେ ଥିବା ଏକ ପାହାଡରେ ଥିବା କେଇଟା ଗଛ ଭିତରୁ ସବୁଠାରୁ ଉଚ୍ଚ ଗଛର ଶାଖାରେ ଶାଗୁଣାଟିଏ ବସା ତିଆରି କରି ରହୁଥାଏ । ସେହି ବସାରେ ଥାଏ ତାର ଏକମାତ୍ର ଶିଶୁ ଶାବକ । ଦିନେ ଶାବକଟି ମଣିଷ ମାଂସ ଖାଇବା ପାଇଁ ଜିଦ୍ ଧରି ବସିଲା । ମା ଶାଗୁଣାଟି ସହରର ଚାରିଆଡ଼ ? ବୁଲାବୁଲି କରି ମଧ୍ୟ ମଣିଷ ମାଂସ ଯୋଗାଡ଼ କରି ପାରିଲା ନାହିଁ । ହତାଶ ହୋଇ ଗୋଟିଏ ଅତି ଅପରିଷ୍କାର ବସ୍ତି ଉପରେ ଦେଇ ଉଡି ଯାଉଯାଉ ଦେଖିବାକୁ ପାଇଲା ଯେ ଗୋଟିଏ ଜାଗାରେ ଘୁଷୁରୀ କଟା ହେଉଛି । ସେଠାକାର ଲୋକମାନଙ୍କର ଅସାବଧନତାର ସୁଯୋଗ ନେଇ କଟା ହୋଇଥିବା ଗୋଟିଏ ଘୁଷୁରୀର ବଡ଼ ଖଣ୍ଡେ ମାଂସ ଧରି ଚାଲିଗଲା । ତାର ଭୋକିଲା ଶାବକଟିକୁ ଯେତେବେଳେ ସେହି ମାଂସ ଖଣ୍ଡକ ଦେଲା , ତାର ଶାବକ ରାଗିଯାଇ କହିଲା –' ଏଇଟା ଘୁଷୁରୀ ମାଂସ, ମୁଁ ଖାଇବି ନାହିଁ । ମୁଁ ତୁମକୁ ମଣିଷର ମାଂସ ମାଗିଥିଲି । ଭୋକରେ ମରିଯିବି ପଛକେ ମଣିଷର ମାଂସ ନପାଇବା ପର୍ଯ୍ୟନ୍ତ ଅନ୍ୟ କିଛି ଖାଇବି ନାହିଁ । '

ମା ଶାଗୁଣାଟି ପୁଣି ମଣିଷର ମାଂସ ଚାରିଆଡ଼ ? ଖୋଜି ବୁଲିଲା । ହଠାତ୍ ଗୋଟିଏ ଜାଗାରେ ଦେଖିବାକୁ ପାଇଲା ଯେ ବିରାଟ ଏକ କାରଖାନାରେ ଗୋରୁ କଟାଯାଇ ବିଦେଶକୁ ରପ୍ତାନୀ କରିବା ପାଇଁ ଗୋରୁ ମାଂସ ପ୍ୟାକିଂ କରାଯାଉଛି । କୌଶଳକ୍ରମେ ସେଠାରୁ କଟାଯାଇଥିବା ଗୋଟିଏ ଗୋରୁର ଗୋଡ ଧରି ବସାକୁ ଫେରି ଆସି ତାର ଶାବକକୁ ଦେଲା । ସେ ଭାବିଥିଲା ଯେ ଏତେବଡ଼ ମାଂସ ଖଣ୍ଡ ଦେଖି ତାର ସନ୍ତାନ ନିଶ୍ଚୟ ଖୁସି ହେବ । କିନ୍ତୁ ଶିଶୁ ଶାବକଟି ସେହି ମାଂସ କୁ ମଧ୍ୟ ଛୁଇଁଲା ନାହିଁ । ତାର ଏକା ଜିଦ୍ ସେ ମଣିଷର ମାଂସ ଖାଇବ ।

ଅନ୍ୟୋପାୟ ହୋଇ ଶାଗୁଣାଟି ଏଥର ଭିନ୍ନ ଏକ ପନ୍ଥା ଆପଣେଇଲା । ସେ ଖୁବ୍ ସତର୍କତାର ସହିତ ଘୁଷୁରୀ ମାଂସ ଖଣ୍ଡକୁ ନେଇ ଗୋଟିଏ ମସଜିଦ ର ଅଗଣାରେ ଏବଂ ଗୋରୁ ମାଂସ ଖଣ୍ଡକୁ ନେଇ ଗୋଟିଏ ମନ୍ଦିର ବେଢ଼ା ଭିତରେ ପକାଇ ଦେଇ ଚାଲି ଆସିଲା ।

ଶାଗୁଣାର ଆଶାନୁଯାୟୀ, କିଛି ସମୟ ଭିତରେ ସହରରେ ଆରମ୍ଭ ହୋଇଗଲା ଦଙ୍ଗା । ବିଭିନ୍ନ ମାରଣାସ୍ତ୍ର ଧରି ଦୁଇଗୋଷ୍ଠୀ ଭିତରେ ଆରମ୍ଭ ହୋଇଗଲା ତୁମୁଳକାଣ୍ଡ । ସହରର ରାସ୍ତାଘାଟ ଚାରିଆଡ଼ ? ରକ୍ତର ବନ୍ୟା ବୋହିବାକୁ ଲାଗିଲା । ଚାରିଆଡେ କଟା ହାତ, କଟା ମୁଣ୍ଡ , କଟାଗୋଡ ନଚେତ୍ ମଣିଷମାନଙ୍କର କ୍ଷତବିକ୍ଷତ ମୃତଦେହ ପଡି ରହିଲା । ଆଉ ତାପରେ ସହରରେ ଖେଳିଗଲା ଶ୍ମଶାନର ନୀରବତା । ଶାଗୁଣାଟି ଏଥର ଗୋଟିଏ ମଣିଷର କଟା ହାତକୁ ଥଣ୍ଟରେ ଧରି ଫେରି ଆସିଲା ତାର ବସାକୁ । ମଣିଷର ମାଂସ ପାଇ ଉଲ୍ଲସିତ ତାର ଶାବକ ମଣିଷର ମାଂସ ଖାଇବାକୁ ଲାଗିଲା । ଖାଉ ଖାଉ ସେ ମା କୁ ପଚାରିଲା –' ମା ମଣିଷ ମାଂସ ତୁମେ କେମିତି ଯୋଗାଡ କଲ ? '

ମା ଶାଗୁଣା କହିଲା –' ଏହି ମଣିଷ ଜାତିଟା ହିଁ ଏମିତି । ସୃଷ୍ଟିକର୍ତ୍ତା ଏମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବରେ ସୃଷ୍ଟି କରିଛନ୍ତି । କିନ୍ତୁ ଧର୍ମ, ଜାତି ନାମରେ ଏମାନଙ୍କୁ ଆମଠାରୁ ମଧ୍ୟ ଅଧିକ ହିଂସ୍ର କରି ଦିଆଯାଇପାରେ । '

ଶାବକଟି କହିଲା – 'ମା ତୁମେ କାହିଁକି ଧର୍ମକୁ ବ୍ୟବହାର କଲ ? ମୋ ପାଇଁ ଖଣ୍ଡେ ମାତ୍ର ମାଂସ ଦରକାର ଥିଲା , ଅଥଚ ତୁମେ ଧର୍ମକୁ ବ୍ୟବହାର କରିବା ଫଳରେ ଅନେକ ନିରୀହ ଲୋକ ମୃତ୍ୟୁବରଣ କଲେ । ' ମା ଶାଗୁଣା ହସି ହସି ଉତ୍ତର ଦେଲା –' ଧର୍ମ ହେଉଛି ମଣିଷ ମାନଙ୍କର ଆବେଗର ବିଷୟ । ତେଣୁ ଫଳାଫଳ ବି ତତ୍କାଳ । ତୁ ଆଜି ଖାଇବା ପାଇଁ ଜିଦ୍ କରିଥିଲୁ । ତୋତେ ଆଜି କେମିତି ମୁଁ ଓପାସରେ ରଖି ପାରିଥାନ୍ତି ?'

ଶାବକଟି ବିସ୍ଫାରିତ ଆଖିରେ ଚାହିଁଲା ମାଆକୁ ।

– 'ତୁ ଏବେ ସବୁକଥା ବୁଝି ପାରିବୁ ନାହିଁ । ହେଲେ ଶୁଣ ।ରାଜନୀତିରେ ବି ଏଇଭଳି କାମ ସବୁ ହୋଇ ପାରିବ । ହେଲେ ତହିଁରେ ଫଳ ମିଳିବାକୁ ବିଳମ୍ବ ହୋଇଥାଏ । ହେଲେ ଥରେ ଆରମ୍ଭ ହୋଇଗଲେ ଆଉ ଅଟକେ ନାହିଁ । କିନ୍ତୁ ରାଜନୀତି ସହିତ ଧର୍ମ କୁ ଯୋଡି ଦେଲେ ସବୁକିଛି ସହଜରେ ଫଳ ମିଳେ ଏବଂ ଚାହିଁଲେ ସେଇ ଘଟଣାକୁ ବହୁତ ଦିନ ପର୍ଯ୍ୟନ୍ତ ଜାରି ରଖାଯାଇପାରିବ ।'

ଶାବକ କହିଲା –' ଏତେ କଥା ତୁମେ କେମିତି ଜାଣିଲ ?'

ମା ଶାଗୁଣା କହିଲା – ' ଏସବୁ ମୁଁ ମଣିଷଙ୍କ ପାଖରୁ ଶିଖିଛି । ଏମାନେ ଯେତେବେଳେ ରାଜନୀତିକ ସ୍ୱାର୍ଥ ହାସଲ କରିବାରେ ଅସଫଳ ବା ବ୍ୟର୍ଥ ହୁଅନ୍ତି ସେତେବେଳେ ସହଜ ପଥ ଭାବରେ ଧର୍ମକୁ ହିଁ ବ୍ୟବହାର କରିଥାନ୍ତି ।'

ମଣିଷ ସମାଜରେ ଆଜିକାଲି ଯାହା ସବୁ ଅନ୍ୟାୟ, ଅନୀତି କିମ୍ବା କେଳଙ୍କାରୀ ଘଟୁଛି ସବୁଥିରେ ଧର୍ମ କିମ୍ବା ରାଜନୀତିର ଛାପ ରହିଛି ବୋଲି ବୁଝିଗଲା ଶାଗୁଣା ଶାବକ ।

ନିଜ ଭବିଷ୍ୟତ ପନ୍ଥା ନିର୍ଣ୍ଣୟ କରିବାରେ ଏଇ ସୂତ୍ରର ବିନିଯୋଗ ହିଁ ପ୍ରକୃଷ୍ଟ ମାଧ୍ୟମ ବୋଲି ବି ଶାବକକୁ ବୁଝାଇ ଦେଲା ମାଆ ଶାଗୁଣା... !!!

*ନୂଆପଡା, କଟକ*

## ନିଃସଙ୍ଗ ଜୀବନ


ସୁଚରିତା ମହାନ୍ତି

ଦୁହେଁ ଏବେ ଗୋଟିଏ ଛାତ ତଳେ ରହୁଛନ୍ତି,ଏକାଠି ଖାଉଛନ୍ତି,ଏକାଠି ବୁଲୁଛନ୍ତି ।

ବାରଣ କରିବାକୁ କେହି ନାହିଁ ।ବୟସର ଅପରାହ୍ନରେ ପହଞ୍ଚିବାପରେ ଡର କାହାକୁ ନା ଭୟ କାହାକୁ ।ଯିଏ ପ୍ରଥମରୁ ଅନ୍ୟମାନଙ୍କ କଥା ଭାବି ନାହାନ୍ତି କି ଭଲମନ୍ଦ ବିଚାର କରି ନାହାନ୍ତି, ସେମାନେ ଏବେ ଆଉ କ'ଣ ଭାବିବେ ।ଦୁହିଁଙ୍କର ପାଦ ସବୁ ସୀମା ଡେଇଁ ଯାଇଛି ।ଏବେ ସେ ସଂପର୍କର ମାନେ କିଛି ନାହିଁ ତଥାପି ଦୁହେଁ ଦୁହିଁଙ୍କର ଛାୟା ହୋଇ ରହିଛନ୍ତି ।

ବାପା ମା' ଦୁଇ ଭାଇ,ଦୁଇ ଭଉଣୀଙ୍କୁ ନେଇ ଥିଲା ଏକ ସୁଖର ସଂସାର । ବାପା ଚାକିରି କରି ପିଲାଙ୍କୁ ଭଲ ମଣିଷ କରିବାର ସ୍ୱପ୍ନ ଦେଖୁଥିଲେ ।ମା' ପିଲାମାନଙ୍କର ଯାବତୀୟ ଅଳିଅଝଟ ବୁଝି ତାଙ୍କୁ ସବୁବେଳେ ଖୁସିରେ ରଖୁଥିଲେ । ପିଲାମାନେ ପାଠ ପଢ଼ାରେ କେହି କାହାକୁ କମ୍ ନଥିଲେ ।

ବଡ଼ ଦୁଇ ଭାଇଭଉଣୀ ଏକା ସହିତ ପଢୁଥିଲେ ।ସ୍କୁଲ ସରିବା ପରେ ଦୁହେଁ ସାଙ୍ଗହୋଇ କଲେଜ ଯା'ନ୍ତି ପଢ଼ିବା ପାଇଁ ।କିନ୍ତୁ କଲେଜରେ ପଢୁଥିବା ସମୟରେ ଦୁଇ ଭାଇଭଉଣୀଙ୍କ ମଧ୍ୟରେ ଅବୈଧ ପ୍ରେମ ସଂପର୍କ ଗଢ଼ି ଉଠିଥିଲା ।ଦୁହେଁ ଦୁହିଁଙ୍କ ସହିତ ବିବାହ କରିବାକୁ ନିଷ୍ପତ୍ତି ନେଇଗଲେ ।ଘରେ କିନ୍ତୁ ଏକଥା କାହାକୁ ଜଣା ନଥିଲା ।

ଏମିତି ଅନେକ ଦିନ ବିତିଯିବା ପରେ,ସାନ ଭଉଣୀ ଏମାନଙ୍କର ସଂପର୍କରେ ଜାଣିବାକୁ ପାଇଲା । ଦୁହିଁଙ୍କର ଏପରି ସଂପର୍କକୁ ସେ ସହି ନପାରି ଆତ୍ମହତ୍ୟା କଲା ।ସାନ ଝିଅର ଏପରି ନିର୍ଣ୍ଣୟକୁ ଘରେ ବାପା ମା' ସହିପାରିଲେନି । ସାନ ଝିଅର ମୃତ୍ୟୁକୁ ନେଇ ବିଭିନ୍ନ ପ୍ରକାରର କଟୁ ସମାଲୋଚନାର ଶିକାର ହେଲେ ।ଧିରେଧିରେ କଥା ପ୍ରଘଟ ହେବାକୁ ଲାଗିଲା ।ସାନ ପୁଅ ବଡ଼ ଭାଇଭଉଣୀଙ୍କ ଠାରୁ ଅଲଗା ରହିବାକୁ ଲାଗିଲା ।ସୁନାର ସଂସାର କେଇଟା ଦିନରେ ଉଜୁଡ଼ିବାକୁ ଗଲା ।ବାପା ଅନ୍ୟ ମାନଙ୍କର ପରିହାସ,ଟାହିଟାପରା ସହିପାରିଲେନି ।ସବୁବେଳେ ସେଇ ଦୁଶ୍ଚିନ୍ତାରେ ରହି ମଦ ନିଶାରେ ବୁଡ଼ି ରହିଲେ ।ଘରେ ଆରମ୍ଭ ହେଲା ମହାଭାରତ ।ମା' ମଧ୍ୟ ରକ୍ତଚାପ ରୋଗରରେ ମୃତ୍ୟୁବରଣ କଲେ ।

କିଛି ଦିନ ପରେ ବାପାଙ୍କର ମୃତ୍ୟୁ ହୋଇଗଲା । ବଡ଼ ପୁଅ ଆଉ କାହାକୁ ବାହା ହେଲା ନାହିଁ କି ବଡ଼ ଝିଅ ମଧ୍ୟ ଅନ୍ୟ କାହାକୁ ବାହାହେଲା ନାହିଁ । ଦୁହେଁ ଅନ୍ୟ କାହାକୁ ବା ଅନ୍ୟ କେଉଁଠି ବିବାହ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଗଲେ ।

ଯେଉଁ ନିଷ୍ପତ୍ତି ଘରର ମେରୁଦଣ୍ଡକୁ ଦୋହଲାଇ ଦେଲା ।ସେମାନେ ସେମାନଙ୍କର ଭୁଲ୍ ପାଇଁ କେବେ ଅନୁତାପ କଲେ ନା ନିଜକୁ ସୁଧାରି ପ୍ରାୟଶ୍ଚିତ କଲେ ବରଂଚ---।

ବଡ଼ ପୁଅ ଚାକିରିରୁ ଅବସର ନେବାପରେ ଦୁହେଁ ଏକାଠି ରହୁଛନ୍ତି । ବଡ଼ ଝିଅ ନିୟମ ଦୃଷ୍ଟିରୁ ଯେହେତୁ ଅବିବାହିତା ତେଣୁ ବାପାଙ୍କର ଅବସରକାଳୀନ ରାଶି ମଧ୍ୟ ସେ ପାଉଛି ।ସେମାନଙ୍କର ଭୁଲ୍ ଲାଗି ସାନ ଭାଇ ସେମିତି ଏକୁଟିଆ ନିଃସଙ୍ଗ ଜୀବନ ନେଇ ବଞ୍ଚି ରହିଛି ।

*ବାରିପଦା,ମୟୂରଭଞ୍ଜ*

*ମୋ: ୮୯୧୭୫୭୧୨୦୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Sunday October 26 | ଭୁବନେଶ୍ୱର ରବିବାର, ୨୬, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ସାଂସ୍କୃତିକ ଆନନ୍ଦରେ ମହକିଲା ରାୟଗଡ଼ ବ୍ଲକ ସ୍ତରୀୟ ସୁରଭି ମହୋତ୍ସବ



ରାୟଗଡ଼,(ପି.ଏନ): ରାୟଗଡ଼ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ସମାରୋହରେ ରାୟଗଡ ବିଡିଓ ସୁଜିତ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭଜନଲାଲ ମାଝୀ, ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ପଧାନ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଭୋଇ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବଳରାମ ହୁଇକା, ଛବିଲାଲ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ଜୁନିୟର, ସିନିୟର ଓ ସୁପର ସିନିୟର ଏଭଳି ତିନୋଟି ବର୍ଗର ବତିଷି ଗୋଟି ପ୍ରତିଯୋଗିତାରେ ସତର ଗୋଟି କ୍ଲଷ୍ଟରରୁ ଚାରିଶହ ଅଶି ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଉଦଯାପନୀ ସମାରୋହରେ ରାୟଗଡର ମାନ୍ୟବର ବିଧାୟକ ଆପାଲାସ୍ୱାମୀ କାଡ୍ରାକା ମୁଖ୍ୟଅତିଥିରୂପେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟତମ ଅତିଥି ରୂପେ ବ୍ଲକ ଅଧକ୍ଷା ସୁଶ୍ରୀ ଟୁନୀ ହୁଇକା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ଏଡିଇଓ ଭଜନଲାଲ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ଶିଶୁଙ୍କ ନିକଟରେ ଅନେକ ସମ୍ଭାବନା ପୁରି ରହିଛି। ଉତ୍କୃଷ୍ଟ ପରିବେଶ ପାଇଲେ ସେମାନେ ପ୍ରତିଷ୍ଠିତ ହୋଇ ବିକଶିତ ହେବେ ବୋଲି ବିଧାୟକ ଶ୍ରୀ କାଡ୍ରାକା କହିଥିଲେ, ଜିଲ୍ଲା ଓ ରାଜ୍ୟସ୍ତରରେ ମହକିତ ହେବାର ଆଶା ପୋଷଣ କରିଥିଲେ । ଶିକ୍ଷା ସହିତ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ନିମନ୍ତେ ସୁରଭି ଏକ ଉତ୍କୃଷ୍ଟ ମଞ୍ଚ ବୋଲି ଅତିଥିବୃନ୍ଦ କହିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁରଭି ମଞ୍ଚ ଦୁଲୁକି ଉଠିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ସଭିଏଁ ଉପଭୋଗ କରିଥିଲେ । ଅତିଥିବୃନ୍ଦ ମଧ୍ୟ ପିଲାଙ୍କ ତାଳେ ତାଳେ ନାଚି ଉଠିଥିଲେ । ସସ୍ମିତା ମିଶ୍ର ଓ ଶ୍ରୀଧର ପଟ୍ଟନାୟକ ସଂଯୋଜନା କରିଥିଲେ । ସମସ୍ତ ସିଆରସିସି , ଶିକ୍ଷକ, ଶିକ୍ଷୟିତ୍ରୀ ବୃନ୍ଦ ସହଯୋଗ କରିଥିଲେ ।

## ପାରାଦୀପଗଡରୁ ୭୫ ଗ୍ରାମ ବ୍ରଉନ୍‌ସୁଗାର ଜବତ- ବ୍ୟବସାୟୀ ଗିରଫ



ପାରାଦୀପ,(ପି.ଏନ): ଜିଲ୍ଲା ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷକ ଅନିତା ପ୍ରଧାନଙ୍କ ନେତୃତ୍ୱରେ ଶନିବାର ଦିନ ପାରାଦୀପଗଡଠାରେ ଚଢାଉ କରାଯାଇଥିଲା । ଏହି ଚଢାଉରେ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଶନିବାର ଦିନ ଇନ୍‌ସପେକ୍ଟର ପ୍ରଶାନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାରାଦୀପ ଲକ ଥାନା ଅନତି ଦୂରରେ ଥିବା ଶନି ମନ୍ଦିର ନିକଟରୁ ସରୋଜ କୁମାର ମଲ୍ଲିକ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ବେଳେ ଅବକାରୀ ବିଭାଗ ଦ୍ୱାରା ଧରା ପଡିଛି । ଅଭିଯୁକ୍ତ ନିକଟରୁ ୭୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି । ଯାହାର କଳାବଜାରୀ ମୂଲ୍ୟ ସାତ ଲକ୍ଷ ପଚାଶ ହଜାର ହେବ ବୋଲି ସୂଚନା ମିଳିଛି । ଅଭିଯୁକ୍ତ ସରୋଜଙ୍କୁ ଅବକାରୀ ବିଭାଗ ଗିରଫ କରିଛି । ଅଭିଯୁକ୍ତ ଯାଜପୁର ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ କିଛି ମାସ ହେବ ପାରାଦୀଗଡରେ ରହି ହେରାଇନ୍ ବ୍ୟବସାୟ କରୁଥିବା ଅବକାରୀ ବିଭାଗ ଜାଣିବାକୁ ପାଇଛି । ସବୁଟାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁ ସ୍ଥାନରୁ ଅବକାରୀ ବିଭାଗ ଅଭିଯୁକ୍ତଙ୍କୁ ଗିରଫ କଲା ସେହି ସ୍ଥାନଟି ପାରାଦୀପ ଲକ୍ ଥାନାଠାରୁ ପ୍ରାୟ ୨୦୦ ମିଟର ହେବ । ଅଭିଯୁକ୍ତ ସେଠାରେ ଏହି ଧଳା ଜହର ବ୍ୟବସାୟ କିଛି ମାସ ହେବ କରୁଥିଲା ଜିଲ୍ଲା ଅବକାରୀ ବିଭାଗ ଜଗତସିଂହପୁରରୁ ଆସି ଧରିଲା ଅଥଚ ପାରାଦୀପ ଲକ୍ ଥାନାରେ କିପରି ଖବର ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ହାଇକୋର୍ଟ ଆଇନଜୀବୀଙ୍କୁ ଉପଜିଲ୍ଲାପାଳଙ୍କ ଦୁର୍ବ୍ୟବହାର

କେନ୍ଦ୍ରାପଡ଼ା,(ପି.ଏନ):ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି ଉପଜିଲ୍ଲାପାଳ ଅରୁଣ କୁମାର ନାୟକ। ଏମିତିକି ହାଇକୋର୍ଟର ଆଇନଜୀବୀଙ୍କୁ ମଧ ଉପଜିଲ୍ଲାପାଳ ଦୁର୍ବ୍ୟବହାର କରିଥିବା ଜିଲ୍ଲାପାଳଙ୍କ ନିକଟରେ ଶନିବାର ଅଭିଯୋଗ ହୋଇଛି। ଓଡିଶା ହାଇକୋର୍ଟର ଆଇନଜୀବୀ ଲଳିତମାଧବ ଦ । ଏକ କନଭରସନ ଓ.ଏଲ.ଆର. କେଶ ନଂ-୮୪୦୯/ ୨୦୨୫ ସମ୍ପର୍କରେ ବୁଝିବାକୁ ଉପଜିଲ୍ଲାପାଳଙ୍କ ନିକଟକୁ ଯାଇଥିବା ବେଳେ ହଠାତ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ତାଙ୍କୁ କାହିଁକି ମୋ ଚାମ୍ବରକୁ ଆସିଲ ବୋଲି କହି ଦୁର୍ବ୍ୟବହାର କରିଥିଲେ। ଏସମ୍ପର୍କରେ ଆଇନଜୀବୀ ଶ୍ରୀ ଦ । ଜିଲ୍ଲାପାଳଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ତହସିଲ ଅଧିନ ଶ୍ୟାମଗୁଡିଆ ମୌଜାର ଖାତା ନମ୍ବର ୨୪୪୧/୨୩୧୮ର ପ୍ଲଟ ନମ୍ବର-୧୦୨୧/୮୩୪୯ ଏରିଆ ଏ୧.୨୪ଡେସିମିଲ ମଧ୍ୟରୁ ଏ୦.୨୪ଡିସିମିଲ ଜମିକୁ ଘରବାଡି ଜମିରେ ପରିଣତ କରିବାକୁ ପ୍ରଥମେ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତହସିଲରେ ୨୪ଡେସିମିଲ ଜମି ଘରବାଡିରେ ପରିବ ନ ହୋଇସାରିଛି। କିନ୍ତୁ ସେହି ଖାତା ଓ ପ୍ଲଟର ଅବଶିଷ୍ଟ ଏ୧.୦୦କର ଜମିକୁ ଘରବାଡିରେ ପରିଣତ କରାଇବାକୁ ଆଇନଜୀବୀ ଶ୍ରୀ ଦ । ଦୁଇମାସରୁ ଊର୍ଦ୍ଧ୍ୱ ହେବ ଦରଖାସ୍ତ କରିଥିଲେବି ତାହାର କୌଣସି ଫଇସଲା ହୋଇନାହିଁ। ମାମଲା ଦାୟର ହେବାର ୬୦ଦିନ ଭିତରେ ଫଇସଲା ହେବାର ନିୟମ ଥିବା ବେଳେ ଏହି ମାମଲା ଦାୟର ୭୦ଦିନ ପରେବି କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇଲା ନାହିଁ। ତେଣୁ ଏସମ୍ପର୍କରେ ଆଇନଜୀବୀ ଶ୍ରୀ ଦ । ଗତ ୮,୧୦ ଓ ୧୬ତାରିଖରେ ଉପଜିଲ୍ଲାପାଳଙ୍କୁ ଭେଟି ସେହି କେଶର ଫଇସଲା ପାଇଁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେ ଏସମ୍ପର୍କରେ ୧୬ତାରିଖରେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଜିଲ୍ଲାପାଳ ତୁରନ୍ତ ସଂପୃକ୍ତ କେଶର ଫଇସଲା କରିବାକୁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସବୁ ସତ୍ତ୍ୱେବି କୌଣସି ପଦକ୍ଷେପ ନିଆନଯିବାରୁ ୧୯ତାରିଖରେ ଆଇନଜୀବୀ ଶ୍ରୀ ଦ । ଉପଜିଲ୍ଲାପାଳଙ୍କୁ ଭେଟିବାରେ ଉପଜିଲ୍ଲାପାଳ ତାଙ୍କୁ ଦୁର୍ବ୍ୟବହାର କରିଥିବା ଶ୍ରୀ ଦ । ରାଜ୍ୟ ବାର କାଉନସିଲ ଓ କେନ୍ଦ୍ରାପଡା ଜିଲ୍ଲା ବାର କାଉନସିଲରେ ଜଣାଇଥିଲେ। ସେମାନଙ୍କ ପରାମର୍ଶ କ୍ରମେ ଆଇନଜୀବୀ ଶ୍ରୀ ଦ । ଆଜି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଉପଜିଲ୍ଲାପାଳ ଶ୍ରୀ ନାୟକ ଭିନ୍ନକ୍ଷମ ପ୍ରଫୁଲ୍ଲଙ୍କୁ ଗୁରୁବାର ଅସୌଜନ୍ୟ ଭାଷାରେ ଗାଳିଗୁଲଜ କରି ତୁରନ୍ତ ଅଫିସ ଚାମ୍ବରରୁ ବାହାରି ଯିବା ପାଇଁ କହିଥିବା ବେଳେ ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ବୈଠକରେ ଜଣେ ସାମ୍ବାଦିକ ଜୀବନ ସିଂଙ୍କୁ ତୁ ତା କରି ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଜିଲ୍ଲାପାଳ କ୍ଷୁବ୍ଧ ହୋଇଥିଲେ। କାରଣ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସମ୍ମୁଖରେ ଜଣେ କ ବ୍ୟରତ ସାମ୍ବାଦିକଙ୍କୁ ଉପଜିଲ୍ଲାପାଳ ଅସୌଜନ୍ୟ ବ୍ୟବହାର କରିଥିଲେ। ଏହାଦ୍ୱାରା ସାମ୍ବାଦିକମାନେ ଉପଜିଲ୍ଲାପାଳଙ୍କୁ ଘେରିଥିଲେ। ଉପଜିଲ୍ଲାପାଳଙ୍କ ବିରୋଧରେ ତଦନ୍ତ ହେବ ବୋଲି ଜିଲ୍ଲାପାଳ ରଘୁରାମ ଆର. ଆୟାର କହିଥିଲେ। ଫଳରେ ସାମ୍ବାଦିକମାନେ ଶାନ୍ତ ପଡିଥିଲେ। ଏବେ ପୁଣି ଜଣେ ହାଇକୋର୍ଟର ଆଇନଜୀବୀଙ୍କୁ ଉପଜିଲ୍ଲାପାଳ ଦୁର୍ବ୍ୟବହାର କରିବା ଘଟଣା ବୁଦ୍ଧିଜୀବୀମାନଙ୍କୁ ଆନ୍ଦୋଳିତ କରିଛି। ସହରର କେତେକ ବୁଦ୍ଧିଜୀବୀ କହିଛନ୍ତି ଜଣେ ସରକାରୀ ଅଧିକାରୀ ଜନସାଧାରଣଙ୍କୁ ଉ ମ ବ୍ୟବହାର କରିବା ଉଚିତ। ହେଲେ ଉପଜିଲାପାଳ ବାରମ୍ବାର ଜନସାଧାରଣଙ୍କୁ ଦୁର୍ବ୍ୟବହାର କରିବା ଦୁର୍ଭାଗ୍ୟଜନକ ଘଟଣା।

## ପରିବର୍ତ୍ତିତ ଋତୁରେ ସୁସ୍ଥ ଶରୀର ପାଇଁ ଉପଯୁକ୍ତ ଆହାର



ଭୁବନେଶ୍ୱର,(ପି.ଏନ): ଋତୁ ବଦଳିବା ସହିତ ତାପମାତ୍ରାରେ ବାରମ୍ବାର ପରିବର୍ତ୍ତନ, ଆଲର୍ଜେନଗୁଡିକ ପ୍ରତି ଅଧିକ ଏକ୍ସପୋଜର ଓ ଦୈନିକ ରୁଟିନରେ ପରିବର୍ତ୍ତନ ରୋଗ ପ୍ରତିରୋଧକ ପ୍ରଣାଳୀକୁ ପ୍ରଭାବିତ କରିପାରେ । ଯାହା ଆମକୁ ଥଣ୍ଡା, ଜ୍ୱର ଓ ଥକ୍କାପଣ ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ। ନୂଆଦିଲ୍ଲୀର ମ୍ୟାକ୍ସ ହେଲ୍‌ଥକେୟାରର ଡାଏଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ ନ୍ୟୁଟ୍ରିସ୍‌ନିଷ୍ଟ ରିତିକା ସମାଦାର କହିଛନ୍ତି, 'ଏହି ପରିବର୍ତ୍ତନଶୀଳ ସମୟରେ ଆପଣଙ୍କର ରୋଗ ପ୍ରତିରୋଧକ କ୍ଷମତାକୁ ସୁଦୃଢ କରିବା ସୁସ୍ଥ ଓ ଶକ୍ତିସମ୍ପନ୍ନ ରହିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏକ ମଜବୁତ ରୋଗ ପ୍ରତିରୋଧକ ପ୍ରଣାଳୀ ଏକ ସନ୍ତୁଳିତ ଆହାର, ଉତ୍ତମ ଅଭ୍ୟାସ ଓ ଏକ ସୁସ୍ଥ ଜୀବନଶୈଳୀ ସହ ଆରମ୍ଭ ହୋଇଥାଏ। ନିଜ ଆହାରରେ ଆଲମଣ୍ଡ, ସବୁଜ ପନିପରିବା ଓ ମାଛ ଭଳି ପୋଷଣଯୁକ୍ତ ଖାଦ୍ୟଗୁଡିକୁ ଅନ୍ତର୍ଭୁକ୍ତ କରିବା ସହିତ ନିଜ ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବା ପାଇଁ ହାଲୁକା ବ୍ୟାୟାମ କରନ୍ତୁ। ନିଜ ରୁଟିନରେ ଗୋଟିଏ ସରଳ ଓ ପ୍ରଭାବୀ ଯୋଗ ହେଉଛି କାଲିଫର୍ଣ୍ଣିଆ ଆଲମଣ୍ଡ, ଏକ ବାଦାମ ଯାହା ବୃହତ ରୋଗ ପ୍ରତିରକ୍ଷା ଲାଭଗୁଡିକରେ ପରିପୂର୍ଣ୍ଣ ରହିଥାଏ।'ସେହିପରି ରିତିକା ଆହୁରୀ ମଧ ଋତୁ ପରିବର୍ତ୍ତନ ହେବା ସହିତ ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ ରଖିବାରେ ସାହାଯ୍ୟ କରିବା ଲାଗି କିଛି ବ୍ୟବହାରିକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, 'କାଲିଫର୍ଣ୍ଣିଆ ଆଲମଣ୍ଡଗୁଡିକ ଭିଟାମିନ ଇ ଓ ଜିଙ୍କରେ ପରିପୂର୍ଣ୍ଣ ରହିଛି ଯାହା ରୋଗ ପ୍ରତିରୋଧକ ପ୍ରଣାଳୀ ପାଇଁ ଏକ ଢାଲ ଭଳି କାର୍ଯ୍ୟ କରିଥାଏ। ପରିବର୍ତ୍ତିତ ଋତୁରେ ଆପଣଙ୍କୁ ମଜବୁତ ରଖିବା ପାଇଁ ଏକ ସକ୍ରିୟ ଅସ୍ତ୍ର ଭଳି। ଏହାଛଡା ଆପଣଙ୍କ ଶରୀର ପର୍ଯ୍ୟାପ୍ତ ଆରାମର ମଧ ଆବଶ୍ୟକ କରିଥାଏ। ତେଣୁ ଆପଣଙ୍କ ପ୍ରତିରକ୍ଷା ପ୍ରଣାଳୀକୁ ସ୍ଥିର ରଖିବା ଓ ଋତୁକାଳିନ ପରିବର୍ତ୍ତନର ମୁକାବିଲା କରିବାରେ ସାହାଯ୍ୟ କରିବା ପାଇଁ ପ୍ରତିଦିନ ୭ରୁ ୮ ଘଂଟା ଶୋଇବାକୁ ଲକ୍ଷ୍ୟ ରଖନ୍ତୁ। ସେହିପରି ତାପମାତ୍ରା କମିବା ପରେ ଅନେକ ଲୋକ ପାଣି ପିଇବା କମାଇ ଦେଇଥାନ୍ତି। କିନ୍ତୁ ସଠିକ ମାତ୍ରାରେ ପାଣି ପିଇବା ଓ ହାଇଡ୍ରେଟ ରହିବା ଦ୍ୱାରା ତାହା ଶରୀରର ଫଙ୍କଶନଗୁଡିକୁ ନିୟନ୍ତ୍ରିତ ରଖିବା ସହ ହଜମରେ ସାହାଯ୍ୟ କରିଥାଏ ଓ ଶରୀରର ବିଷାକ୍ତ ପଦାର୍ଥକୁ ବାହାର କରି ଆପଣଙ୍କୁ ସତେଜ ଓ ଶକ୍ତିସମ୍ପନ୍ନ ରଖିଥାଏ। ନିଜର ଆହାରରେ ହାଲୁକା ଓ ଫାଇବର ସମୃଦ୍ଧ ଖାଦ୍ୟ ଯେପରିକି ସାଲାଡ କିମ୍ବା ସତେଜ ଫଳ ଏବଂ ସାଲମନ ଓ ଫ୍ଲାକ୍ସ ସିଡ ଆଦିକୁ ସାମିଲ କରନ୍ତୁ। ଏହା ପ୍ରଦାହ କମ୍ କରିଥାଏ ଓ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। କାଲିଫର୍ଣ୍ଣିଆ ଆଲମଣ୍ଡ ଓ ସାଲମନ ଭଳି ପୋଷଣ ସମୃଦ୍ଧ ଖାଦ୍ୟ ଖାଇବା, ହାଇଡ୍ରେଟ ରହିବା, ପର୍ଯ୍ୟାପ୍ତ ପରିମାଣର ଶୋଇବା ଓ ସକ୍ରିୟ ରହିବା ଭଳି ପ୍ରଭାବୀ ଅଭ୍ୟାସଗୁଡିକୁ ଆପଣାଇ ଆପଣ ନିଜ ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀକୁ ସୁଦୃଢ କରିପାରିବେ।

## ବ୍ଲକ ସ୍ତରୀୟ କିଶୋରୀ ବାଳିକା ଦକ୍ଷତା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଗୋଲାମୁଣ୍ଡା (ପିଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସଭାଗୃହ ପ୍ରାଙ୍ଗଣ ରେ କିଶୋରୀ ବାଳିକା ପ୍ରତିଭା ଦକ୍ଷତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ସିଡିପିଓ ପଦ୍ମାବତୀ ସାହୁଙ୍କ ଅଧକ୍ଷତାରେ ହୋଇଥିବା କିଶୋରୀ ବାଳିକା'ଦକ୍ଷତା' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବିଡିଓ ଶ୍ରୀଯୁକ୍ତ ତ୍ରିପୁରା ମହାନନ୍ଦ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପୋଷଣ ସଂଯୋଜକ ବିଜୟ ବିହାର, ମିଶନ ଶକ୍ତି ବିପିସି ରାଜେନ୍ଦ୍ର ମଝିଆସେଠ, ମହିଳା ପରିଦର୍ଶିକା ମଞ୍ଜୁଲତା ପଟ୍ଟନାୟକ,ଶାନ୍ତି ମଙ୍ଗରାଜ,ଗୀତାଞ୍ଜଳି ବେହେରା, ଏକାଉନଟେଣ୍ଟ ଶିବା ଦାସ,ପୋଷଣ ବିଶି ହିମାଂଶୁ ବଗର୍ତ୍ତି,ବିନିତା ରାଉତ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ପ୍ରକଳ୍ପ ର ୧୮୪ ଟି ଅଙ୍ଗନୱାଡ଼ି କେନ୍ଦ୍ରରୁ ବହୁ ସଂଖ୍ୟାରେ କିଶୋରୀ ବାଳିକା ମାନେ ଆସିଥିଲେ ଏବଂ ସଙ୍ଗୀତ , ନୃତ୍ୟ,ଚିତ୍ରାଙ୍କନ, ରଚନା ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ । ନିଜ, ନିଜର ଅନ୍ତର୍ନିହିତ କୌଶଳ ପ୍ରତିଭା ଦେଖାଇ ଉପସ୍ଥିତ ଲୋକ ମାନଙ୍କ ମନମୁଗ୍ଧ କରିଥିଲେ । ପ୍ରଥମ,ଦ୍ୱିତୀୟ,ତୃତୀୟ ସ୍ଥାନ କୃତିତ୍ୱ ହାସଲ କରିଥିବା କିଶୋରୀ ବାଳିକାମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ମମତା ବିଭାଗ ର ଦେବକାନ୍ତ ମେହେର ଏବଂ ମିଶନ ଶକ୍ତି ଡାଟା ଅପ୍ରେଟର କୁମାରୀ ଲବଣୀ ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ । ପ୍ରଥମ ସ୍ଥାନ ହାସଲ କରିଥିବା କିଶୋରୀ ବାଳିକା ମାନଙ୍କୁ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ପୋଷଣ ସଂଯୋଜକ ବିଜୟ ବିହାର ପ୍ରକାଶ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray